ଧରିତ୍ରୀ
DHARITRI
March 22-28, 2026 ₹2/-
ଧରିତ୍ରୀ 52 Years


ଛୁଟିଦିନ

# ପାଣିରେ ରହିଛି ବିଷ

ମୁନ୍ଦାଏ ପାଣିଃ କେତେବେଳେ ପାଲଟିଯାଏ ଅମୃତର ବାରିଧାରା ତ ଆଉ କେତେବେଳେ ଟାଣି ନେଇଯାଏ ମୃତ୍ୟୁର ଦ୍ୱାରଦେଶକୁ...

ପ୍ରଚ୍ଛଦ ପ୍ରସଙ୍ଗ

୩



## ଘରେ କେଉଁ ଗଛ ଥିଲେ ଦୁର୍ଭାଗ୍ୟ ବଢ଼େ

**ଘରର ସୌନ୍ଦର୍ଯ୍ୟ ବୃଦ୍ଧି ସାଙ୍ଗକୁ ପରିବେଶକୁ ଶୁଦ୍ଧି କରିବାରେ ଗଛର ଥାଏ ଅନେକ ଭୂମିକା। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଗଛ ରହିଛି; ଯାହାକୁ ଘରେ ଲଗାଇଲେ ଦୁର୍ଭାଗ୍ୟ ବଢ଼ିବା ସହ ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଯେମିତି କି:**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘର ଭିତରେ ହେଉ କି ଏହାର ଆଖପାଖ ସ୍ଥାନରେ କୌଣସି କଣ୍ଟା ଜାତୀୟ ଗଛ ଲଗାଇବା ଠିକ୍ ନୁହେଁ। ଏହାଦ୍ୱାରା ପରିବାରରେ ଅଶାନ୍ତି ଦେଖାଯିବା ସହ ସଦସ୍ୟଙ୍କ ଭିତରେ ମତଭେଦ ବଢିଥାଏ ବୋଲି ବିଶ୍ୱାସ କରାଯାଏ।
* ଘର ଅଗଣାରେ ମେହେନ୍ଦି ଗଛ ଲଗାଇବା ବି ନକାରାତ୍ମକ ଉର୍ଜାର ସଞ୍ଚାର କରିଥାଏ।
* ଘରେ କିମ୍ବା ଅଗଣାରେ ଲାଗିଥିବା କୌଣସି ଗଛ ଯଦି ଶୁଖିଯାଇଥାଏ ତା'ହେଲେ ତାକୁ କାଟି ବାହାରେ ଫୋପାଡିଦେବା ଦରକାର। କାରଣ ଏହା ଘରେ ଉଦାସୀର ପରିବେଶ ସୃଷ୍ଟି କରିଥାଏ ବୋଲି ବିଶ୍ୱାସ କରାଯାଏ।
* ଅଶ୍ୱତ୍ଥ ଗଛକୁ ପୂଜା କରିବାର ବିଧି ଅନେକ ସ୍ଥାନରେ ଦେଖିବାକୁ ମିଳେ ସତ କିନ୍ତୁ ବାସ୍ତୁଶାସ୍ତ୍ର



ଅନୁଯାୟୀ, ଏହି ଗଛକୁ ଘରେ କିମ୍ବା ଅଗଣାରେ ଲଗାଇବା ଠିକ୍ ନୁହେଁ। ଯଦି ଘରର କୌଣସି କାନ୍ଥରେ କିମ୍ବା ପାଚେରିରେ ଏହା ଉଠୁଥିବାର ଲକ୍ଷ୍ୟ କରନ୍ତି, ତୁରନ୍ତ ତାହାକୁ କାଟିଦେବା ଆବଶ୍ୟକ।
* ଘରେ କଇଁଆ ଗଛ ରହିବା ବି ଉଚିତ ନୁହେଁ। ଯେହେତୁ ଏହି ଗଛରେ ଦୁଷ୍ଟ ଶକ୍ତି ବାସ କରୁଥିବାର ବିଶ୍ୱାସ ରହିଛି, ତେଣୁ ଏହି ଗଛ ଘରେ କି ବାଡ଼ିରେ ରହିଲେ ପରିବାରରେ ଭୟର ବାତାବରଣ ସୃଷ୍ଟି ହୋଇଥାଏ।
* ପାମ୍ ଗଛ ଦେଖିବାକୁ ସୁନ୍ଦର ଲାଗେ ସତ କିନ୍ତୁ କଣ୍ଟା ଜାତୀୟ ପାମ୍ ଗଛକୁ ଘରେ ଲଗାଇଲେ ଆର୍ଥିକ ସ୍ଥିତି ବିଗିଡ଼ିଯାଏ ବୋଲି ବିଶ୍ୱାସ ରହିଛି।

# ଆଲୋଭେରା ଗଛର ବାସ୍ତୁ ମହତ୍ତ୍ୱ

ଆଲୋଭେରାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ ଯଥେଷ୍ଟ ରହିଥିବା ହେତୁ ଅନେକେ ଏହାକୁ ଘରେ ଲଗାଇଥାନ୍ତି। ହେଲେ ଜାଣନ୍ତି କି ବାସ୍ତୁ ଅନୁଯାୟୀ, ଯଦି ଏହି ଗଛକୁ ଠିକ୍ ଦିଗରେ ବା ଠିକ୍ ସ୍ଥାନରେ ଲଗାଯାଏ ; ତା'ହେଲେ ଏହା ଘର ପାଇଁ ଅନେକ ଉନ୍ନତିର ପଥ ଖୋଲି ଦେଇଥାଏ। ଯେମିତି କି: ଏହାକୁ ଘରର ପୂର୍ବ ଦିଗରେ ଲଗାଇଲେ ମନକୁ ଶାନ୍ତି ମିଳିଥାଏ। ପରିବାରରେ ଭଲପାଇବା, ପ୍ରଗତି, ପ୍ରତିଷ୍ଠା ବଢିଥାଏ। ଆଉ ଯଦି ଏହି ଗଛକୁ ଘରର ପଶ୍ଚିମ ଦିଗରେ ଲଗାଯାଏ, ତା'ହେଲେ ପିଲାମାନଙ୍କର ପାଠ ଭଲ ହେବା ସହ ଚାକିରି ହେଉ ଅବା ବ୍ୟବସାୟରେ ଉନ୍ନତି ହୋଇଥାଏ। ଅନ୍ୟପକ୍ଷେ ଏହି ଗଛକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ମଧ୍ୟ ଲଗାଇହେବ। କିନ୍ତୁ ଭୁଲ୍‌ରେ ବି ଏହାକୁ ଉତ୍ତର-ପଶ୍ଚିମ ଦିଗରେ ଲଗାଇବେ ନାହିଁ। ଆବଶ୍ୟକ ପଡିଲେ ଏହି ଗଛକୁ ଘରର ବାଲ୍‌କୋନି ହେଉ ଅଥବା ଡ୍ରଇଂ ରୁମ୍‌ରେ ମଧ୍ୟ ଲଗାଇହେବ। ହେଲେ ବେଡ୍‌ରୁମ୍‌ରେ ଲଗାଇବାର ଭୁଲ୍ କେବେ ବି କରିବେ ନାହିଁ। ସେହିପରି ଏହି ଗଛରେ ବେଶି ପାଣି ଦିଆଯାଏ ନାହିଁ। ଅଳ୍ପ ପାଣିରେ ବି ଏହା ବେଶ୍ ଭଲ ବଢେ ଓ ବାତାବରଣକୁ ସ୍ୱଚ୍ଛ, ସକାରାତ୍ମକ ରଖିବାରେ ସହାୟକ ହୋଇଥାଏ।



## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨୨-୨୮, ୨୦୨୬

**ମେଷ**: ଶାରୀରିକ ସୁସ୍ଥତା, ନୂତନ ଯୋଜନାରମ୍ଭ, ମାର୍ଗ ପ୍ରଶସ୍ତ ରହିବ, ଗବେଷଣାରେ ଅଗ୍ରଗତି, ବିଦେଶଯାତ୍ରାର ସୁଯୋଗ, ପବ୍ଲିକେଶନରେ ସମସ୍ୟା, ପାରିବାରିକ ସଦ୍‌ଭାବ, ପ୍ରତିବନ୍ଧକ ଦୂର ହେବ, ଅର୍ଥନୈତିକ ପ୍ରଗତି, ମନୋରଞ୍ଜନର ମଉକା ॥

**ବୃଷ**: ସ୍ୱାସ୍ଥ୍ୟ ସମସ୍ୟା, ପ୍ରିୟଜନଙ୍କ ସାହାଯ୍ୟ, ନୂତନ କର୍ମାରମ୍ଭରେ ବାଧା, ବୈଷୟିକ ସୁଖସମୃଦ୍ଧି, ପରିବହନରେ ଝଗଡା, ପ୍ରତିବନ୍ଧକ ଦୂର ହେବ, ରଚନାତ୍ମକ କାମରୁ ସମ୍ମାନ, ପ୍ରଶାସନିକ ସଫଳତା, ଆଇନ ସହାୟତା ପ୍ରାପ୍ତି, ଇଚ୍ଛା ପୂରଣ ॥

**ମିଥୁନ**: ସାମାଜିକ ପ୍ରତିଷ୍ଠା, କର୍ମସଂସ୍ଥାନର ଅଫର୍, ବିଦେଶଯାତ୍ରାର ସୁଯୋଗ, ଯାନବାହନାଦି କ୍ରୟ, ସ୍ୱାସ୍ଥ୍ୟଗତ ବୈଷମ୍ୟ, ପାରିବାରିକ ଦ୍ୱନ୍ଦ୍ୱ, ସାହିତ୍ୟ ଭାର ଆହ୍ୱାନ, ସଙ୍ଗୀତ ଚଳଚ୍ଚିତ୍ରରେ ପ୍ରଶଂସା, ବ୍ୟବସାୟିକ ସଫଳତା, ଧର୍ମକାର୍ଯ୍ୟ କରିବେ ॥

**କର୍କଟ**: ମାନସିକ ଅସ୍ଥିରତା, କାର୍ଯ୍ୟରେ ବିଶୃଙ୍ଖଳା, ପରୋକ୍ଷ ଶତ୍ରୁତା, ନୂତନ ପ୍ରକଳ୍ପାରମ୍ଭ, ଆନୁସଙ୍ଗିକ ସହଯୋଗପ୍ରାପ୍ତି, ପରିସ୍ଥିତି ବଦଳିଯିବ, ବ୍ୟବସାୟ ସଙ୍କୁଚିତ ହେବ, ରୋଗପୀଡା କମିବ, ବନ୍ଧୁମିଳନ ଘଟିପାରେ ॥

**ସିଂହ**: ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆନୁଷ୍ଠାନିକ କର୍ମାରମ୍ଭ, ପାରିବାରିକ ସହମତି, ନୂତନ ଗୃହାରମ୍ଭ, ଋଣଗ୍ରସ୍ତ ହୋଇପାରନ୍ତି, ଆମଦାନୀ କାରବାରରେ ବାଧା, ଭିତ୍ତିହୀନ ଅଭିଯୋଗ, ଶେୟାର ବଜାରରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ ॥

**କନ୍ୟା**: ଅର୍ଥନୈତିକ ପ୍ରଗତି, ମାନବିକ ମୂଲ୍ୟବୋଧ ବଢିବ, ବୁଦ୍ଧିଜୀବୀଙ୍କ ପ୍ରଶଂସା, ସ୍ଥଗିତକାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ଉଚ୍ଚଶିକ୍ଷାର ସୁଯୋଗ, ସାହିତ୍ୟକୃତିରୁ ପ୍ରଶଂସା, କଚେରୀ ମାମଲାରେ ବାଇଦା, ପାରବାରିକ ସଦ୍‌ଭାବ, ଏଜେନ୍ସିପ୍ ବଢିବ ॥

**ତୁଳା**: କର୍ମ ସମ୍ପାଦନ କରିବେ, ଶାରୀରିକ ସୁସ୍ଥତା, ନିର୍ଭରଶୀଳ ରହିପାରନ୍ତି, ମନୋରଞ୍ଜନର ମଉକା, ଯାନବାହନରେ ତ୍ରୁଟି, ବ୍ୟବସାୟରେ ପ୍ରତିବନ୍ଧକ, ଅପ୍ରିୟ ଭାଷଣରୁ କଳହ, ସମ୍ପର୍କହାନୀ ଘଟିପାରେ, ପ୍ରକାଶନରେ ବିଳମ୍ବ, ଜମିଜମା ବିବାଦ ॥

**ବିଛା**: ପାରିବାରିକ ଅସ୍ଥିରତା, ଜନସମର୍ଥନ ହ୍ରାସ, ମାନସିକ ଦୁଃଶ୍ଚିନ୍ତା, ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି, ବୈପ୍ଳବିକ ଚିନ୍ତାଧାରା, ଅସହିଷ୍ଣୁ ମନୋଭାବ, ବ୍ୟବହାରରେ ପରିବର୍ତ୍ତନ, ଫ୍ଲିଟିଂ କାରବାରରେ ଉନ୍ନତି, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**: ଅର୍ଥନୈତିକ ଅବରୋଧ, ଭିଜିଲାନ୍ସ ଧରପଗଡ, ମାନସିକଅସ୍ଥିରତା, ବିରୋଧୀଙ୍କ ପ୍ରାବଲ୍ୟ, କର୍ମକ୍ଷେତ୍ରରେ ସଫଳତା, ସଭାସମିତିକୁ ନିମନ୍ତ୍ରଣ, ସାମାଜିକ ସମ୍ମାନ, ରାଜନୈତିକ ପୃଷ୍ଠପୋଷକତା, ଭ୍ରମଣସୁଯୋଗ ମିଳିବ ॥

**ମକର**: କର୍ମକ୍ଷେତ୍ରରେ ପଦୋନ୍ନତି, ମୋଟାଅଙ୍କର ପ୍ୟାକେଜ୍, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଦୂରଯାତ୍ରା କରିପାରନ୍ତି, ବାତାବରଣର ପ୍ରତିକୂଳତା, ସାମାଜିକ ପ୍ରତିଷ୍ଠା, ବନ୍ଧୁଙ୍କ ସମାଲୋଚନା, କଚେରୀ ମାମଲାରୁ ମନସ୍ତାପ, ଋଣ ପରିଶୋଧ ॥

**କୁମ୍ଭ**: କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଦୈହିକ ଅସୁସ୍ଥତା, ବିବାଦର ସମାଧାନ, ବନ୍ଧୁଙ୍କ ଆତ୍ମୀୟତା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ଜମିଜମା ବିକ୍ରୟ, ବ୍ୟବସାୟିକ ଉତ୍କର୍ଷତା, ସରକାରୀ ସହାୟତା, ଅନୁସନ୍ଧାନରେ ସଫଳତା, ବିବାହ ପ୍ରସ୍ତାବ ଆସିପାରେ ॥

**ମୀନ**: ସହକର୍ମୀଙ୍କ ସହୃଦୟତା, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡୋଶୀଙ୍କ କଟୁକ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ପରାମର୍ଶ, ଖର୍ଚ୍ଚଭାର ବୃଦ୍ଧି, ନୂତନବନ୍ଧୁ ସମ୍ପର୍କ, ସତ୍‌ସଙ୍ଗର ସୁଯୋଗ, ଦର୍ଶନୀୟ ସ୍ଥାନ ପରିଭ୍ରମଣ, ସଙ୍ଗୀତ ଚଳଚ୍ଚିତ୍ରରେ ସମ୍ମାନ ॥

## ପାଠକୀୟ

* ଏମାନେ ଏମିତି ଜଣେ ଜଣେ ନାରୀ ଯିଏ କି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବି ପଛଘୁଞ୍ଚା ନ ଦେଇ ଅସମ୍ଭବକୁ ସମ୍ଭବ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ସେହିଭଳି କେତେଜଣ ଯୋଦ୍ଧା ନାରୀଙ୍କ ଜୀବନ କାହାଣୀକୁ ଆଧାର କରି ପ୍ରସ୍ତୁତ 'ଯୋଦ୍ଧା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା।

*– ମନସ୍ୱିନୀ ମହାନ୍ତି, ମାଟିତୋଟା, ପୁରୀ*

* ଛୁଟିଦିନରେ ପ୍ରକାଶିତ 'ଯୋଦ୍ଧା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଶିକ୍ଷଣୀୟ ହେବା ସହ ପ୍ରେରଣାଦାୟୀ ଥିଲା। 'ବାସ୍ତୁ ଅନୁଯାୟୀ ବାମ୍ବୋପ୍ଲାଣ୍ଟ', 'ଉପକାରୀ ପାନୀୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। 'ନିଆଁ ସହ ଖେଳୁଥିବା ନାରୀ' ଶୀର୍ଷକ ପାଠଟି ବି ଖୁବ୍ ମନଛୁଆଁ ହୋଇଥିଲା।

*– ରୀତେଶ ବିଶ୍ୱାଳ, ଫୁଲବାଣୀ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ କବି ଜ୍ଞାନ ଦାଶଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ହୃଦୟ ରାସ୍ତାରେ ବାଟ ଚାଲୁଥାଏ' ଶୀର୍ଷକ ଗପଟି ଖୁବ୍ ମନଛୁଆଁ ହୋଇଥିଲା। ରଶ୍ମିକା ମନ୍ଦାନାଙ୍କ ବାହାଘର ବେଳର ଫଟୋଟି ସିନେମା ପୃଷ୍ଠାରେ ଦେଖି ଖୁସି ଲାଗିଲା।

*– ପଲ୍ଲବୀ ପରମିତା ସାହୁ, କଣ୍ଟିଲୋ, ନୟାଗଡ଼*

* ଲେଖିକା ନିବେଦିତା ରଥଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ମୟୂର ଚନ୍ଦ୍ରିକାରେ ତିଆରି ହେୟାର୍ ଆସେସରିଜ୍' ଶୀର୍ଷକ ପାଠଟି ଶିକ୍ଷଣୀୟ ହୋଇଥିଲା। 'କୁଲାଡ଼ଗଡ଼' ପାଠଟି ମଧ୍ୟ ତଥ୍ୟଭିତ୍ତିକ ଥିଲା।

*– ରଶ୍ମିରେଖା ପ୍ରଧାନ, ରାଣୀହାଟ, କଟକ*

* ସହରଠୁ ଦୂର ପୃଷ୍ଠାରୁ 'ଅନନ୍ୟ ହିଲ୍‌ଷ୍ଟେଶନ କୁଫ୍ରି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ମାଛ କ'ଣ ପାଣିରେ ବୁଡ଼ିପାରେ' ଏବଂ ବ୍ୟାକପେଜ୍ ପୃଷ୍ଠାରେ ସ୍ଥାନିତ '୧୭ ବର୍ଷ ବୟସରେ ୧୧ ଗିନିଜ୍ ରେକର୍ଡ', 'ପାଣିରେ ଭାସୁଛି ଗାଁ', 'ଜୋତା ମହିଳା' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ଥିଲା।

*– ଜୟନ୍ତୀ ବେଉରା, ମୟୂରଭଞ୍ଜ*

**ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:**
chhutidinadharitri@gmail.com

## ବିଶେଷ ଚିଠି




କେତେଜଣ ଯୋଦ୍ଧା ନାରୀଙ୍କ କାହାଣୀକୁ ନେଇ ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ, ନିଆରା ଲାଗିବା ସହ ମନରେ ଭରୁଥିଲା ଅପୂର୍ବ ରଙ୍ଗ। ବ୍ୟକ୍ତିତ୍ୱ ପୃଷ୍ଠା ବି ଥିଲା ଭାରି ବଢ଼ିଆ, ସାଥୀର ଉତ୍ତର ମନରେ ଜଳାଉଥିଲା ନିଆଁ।

*– ରାକେଶ ମାଝି, ପଳାଶୁଣୀ, ଭୁବନେଶ୍ୱର*

**ଧରିତ୍ରୀ ଛୁଟିଦିନ** **ସମ୍ପାଦକ: ତଥାଗତ ସତପଥୀ**
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ପାଣିରେ ରହିଛି ବିଷ



ଜଳ ହିଁ ଜୀବନ। କିନ୍ତୁ ଯେବେ ଏହି ଜୀବନ ଜହର ପାଲଟେ ଜୀବନ ହୋଇଯାଏ ଦୁର୍ବିସହ। ଆମେ ଜାଣୁ ପଞ୍ଚ ମହାଭୂତରେ ଯେଉଁ ତତ୍ତ୍ୱଟି ଅମୃତର ପ୍ରତିନିଧିତ୍ୱ କରୁଥାଏ, ତାହା ଆଉ କିଛି ନୁହେଁ ତାହା ହେଉଛି ଜଳ। ପୃଥିବୀର ଦୁଇ ତୃତୀୟାଂଶ ଜଳତତ୍ତ୍ୱରେ ନିର୍ମିତ। ମନୁଷ୍ୟର ଶରୀର ମଧ୍ୟ ଜଳତତ୍ତ୍ୱରୁ ବିକଶିତ, କିନ୍ତୁ ଏହି ଅମୃତ ଯେତେବେଳେ ତା'ର ସ୍ୱଗୁଣବତ୍ତା ହରାଇ ଅପମିଶ୍ରିତ ହୁଏ, ସେତେବେଳେ ସେ ହୋଇଯାଏ ନିଷିଦ୍ଧ ପଦବାଚ୍ୟ। ଏମିତି ହୋଇଛି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ। ଜଳରେ ଫ୍ଲୋରାଇଡ୍ ମିଶି ରହିଥିବାରୁ ଏହା ବିଭିନ୍ନ ଭୟଙ୍କର ସମସ୍ୟା ସହ କିଡ୍‌ନୀ ରୋଗର ପ୍ରମୁଖ କାରଣ ସାଜୁଛି।

**ବିଷାକ୍ତ ପାଣି ଘେରରେ ଅନୁଗୋଳର ଦୁଇଟି ଗାଁ:**

ଭାରତ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଏପରି କିଛି ଅଞ୍ଚଳ ରହିଛି ; ଯେଉଁଠି ପିଇବା ପାଣି ମୁନ୍ଦେ ପାଇଁ ଲୋକେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଜଳ ହିଁ ଜୀବନ କୁହାଯାଉଥିବା ବେଳେ ଏଠିକାର ଲୋକଙ୍କ ପାଇଁ ଜଳ ଏବେ ଜହର ପାଲଟିଛି। ଫ୍ଲୋରାଇଡ୍ ମିଶ୍ରିତ ପାଣି ପିଇ ହଜାର ହଜାର ଲୋକ ମୃତ୍ୟୁବରଣ କରୁଥିଲେ ହେଁ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଏମିତି ଏକ ଅଞ୍ଚଳ ହେଲା ଅନୁଗୋଳ ଓ ଢେଙ୍କାନାଳ ଜିଲାର ସୀମାନ୍ତରେ ଥିବା 'କରାବିରା ଖୋଲ' ଗାଁ। ଚାରିପଟେ ସବୁଜ ବନାନୀ ସାଙ୍ଗକୁ ନଭଶ୍ଚୁମ୍ବୀ ପର୍ବତମାଳା ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି 'କରାବିରା ଖୋଲ' ଗାଁ। ଅନୁଗୋଳ ଓ ଢେଙ୍କାନାଳ ଜିଲାର ସୀମାନ୍ତରେ ଥିବା କରାବିରା ଖୋଲ ଗ୍ରାମବାସୀ ଅନେକ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅନୁଗୋଳଠାରୁ ପ୍ରାୟ ୩୫ କି.ମି ଯିବାପରେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ଛକ ଦେଇ ଏହି ଗାଁକୁ ରାସ୍ତା ପଡ଼ିଛି। ଅନୁଗୋଳଠାରୁ ପାଖାପାଖି ୫୦ କି.ମି. ଦୂରରେ ରହିଛି ଏହି ଗାଁ। ଗାଁଟି ଅନୁଗୋଳ ବ୍ଲକ ବଡ଼କନ୍ତକୁଳ ପଞ୍ଚାୟତ ଅଧୀନରେ ରହିଛି। ଏଠାରେ ପ୍ରାୟ ୧୮ଟି ପରିବାର ରହୁଥିବାବେଳେ ଲୋକସଂଖ୍ୟା ପ୍ରାୟ ୮୦ ଥିଲେ। ହେଲେ ୟା'ଭିତରେ ଦୂଷିତ ପାଣି ପିଇବା ଫଳରେ କିଡ୍‌ନୀ ରୋଗରେ ଅନେକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ବର୍ତ୍ତମାନ ମାତ୍ର ୬୪ଜଣ ଲୋକ ଏହି ଗାଁରେ ବସବାସ କରୁଛନ୍ତି। ବଡ଼କନ୍ତକୁଳ ପଞ୍ଚାୟତ ଅନ୍ତର୍ଗତ କଞ୍ଚା ଗାଁର କିଛି ଅଞ୍ଚଳ ଓ କରାବିରା ଖୋଲ ଗାଁକୁ ନେଇ ୧୧ ନମ୍ବର ୱାର୍ଡ ଗଠିତ। କେଉଁକାଳରୁ ଜଙ୍ଗଲ ମଧ୍ୟରେ ରହି ଆସୁଥିବା ସମ୍ପୃକ୍ତ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ପାଲଟିଛି ସାତସପନ। ୨ ଜିଲାର ସୀମାନ୍ତରେ ଘର ହୋଇଥିବାରୁ ତାହା ଅଭିଶାପ ପାଲଟିଛି ବୋଲି ଗାଁ ଲୋକ ପ୍ରକାଶ କରନ୍ତି। ତେବେ ଏଠାକାର ସବୁଠୁ ବଡ଼ ସମସ୍ୟା ହେଲା ପାନୀୟଜଳ ସମସ୍ୟା। ପିଇବା ପାଣି ସେମାନଙ୍କୁ ମୃତ୍ୟୁର ଦ୍ୱାରଦେଶକୁ ଠେଲି ଦେଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଦୂଷିତ ପାଣି ହେତୁ ଦୀର୍ଘଦିନ ହେବ ଗାଁରେ ଲାଗି ରହିଛି କିଡ୍‌ନୀ ରୋଗର ସମସ୍ୟା। ଗାଁର ସ୍ଥିତି ଏପରି ହୋଇଗଲାଣି ଯେ ଗାଁରେ ଏବେ ଆଉ ମାତ୍ର ୫ ଜଣ ପୁରୁଷ ରହୁଥିବା ଲୋକେ ପ୍ରକାଶ କରିଛନ୍ତି। ଦିନକୁଦିନ କାଳ ଗ୍ରାସ କଲା ଭଳି ଗାଁ ଲୋକଙ୍କ ଦେହରେ କିଡ୍‌ନୀ ରୋଗ ଦେଖାଯାଉଛି। ଅନେକ ଲୋକ ଗାଁ ଛାଡ଼ି ବାହାରେ ରହୁଥିବା ବେଳେ ଯେଉଁମାନେ ଏଠିକାର ପାଣି ବ୍ୟବହାର କରୁଛନ୍ତି, ପରବର୍ତ୍ତୀ ସମୟରେ ରୋଗରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ଯେଉଁ କେତେଜଣ ଲୋକ ଗାଁରେ ବର୍ତ୍ତମାନ ବସବାସ କରୁଛନ୍ତି, ସେମାନଙ୍କ ଶରୀରରେ ଏହି ରୋଗର ଲକ୍ଷଣ ଦେଖିବାକୁ ମିଳୁଛି। ଗାଁରେ ଥିବା ନଳକୂପଗୁଡ଼ିକରେ ଆସୁଥିବା ପାଣି ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିବେନାହିଁ। କାଦୁଅମିଶା ପାଣି ବାହାରୁଥିବା ବେଳେ ଏହା ଗାଧୋଇବା ପାଇଁ ମଧ୍ୟ ଅନୁପଯୁକ୍ତ ବୋଲି ଗାଁ ଲୋକେ କହିଛନ୍ତି। ଏଠାକାର ବାସିନ୍ଦା ନିଜେ ଏକ ଖୋଲାକୂଅ ଖୋଳି ପାଣି ବ୍ୟବହାର କରୁଛନ୍ତି। ହିନ୍ଦୋଳ ବାଉଁଶପୋଖରୀ ଅଞ୍ଚଳରୁ ପିଇବା ପାଣି ସଂଯୋଗ ପାଇଁ ପାଇପ୍ ପଡ଼ିଥିଲା। ଘରମୁହଁରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ନିର୍ମାଣ ହୋଇଥିଲା। ପିଇବା ପାଣି ଆସିବ ବୋଲି ଲୋକେ ମାସ ମାସ ଅପେକ୍ଷା କରିବା ଭିତରେ ପରବର୍ତ୍ତୀ ସମୟରେ ପାଇପ୍ ସବୁ ଖୋଲି ଦେଉଥିବାରୁ କାମ ଅଟକି ରହିଛି।

ସେହିପରି ଅନୁଗୋଳ ବ୍ଲକ ଖିଣ୍ଡା ଗ୍ରାମପଞ୍ଚାୟତ 'ମହୀଧରପଡ଼ା' ଗ୍ରାମରେ କିଡ୍‌ନୀ ରୋଗ କାୟା ବିସ୍ତାର କରିଥିବା ବେଳେ ଏଠାରେ ୬ଜଣ ଆକ୍ରାନ୍ତ ହୋଇଥିଲେ। ସୂଚନାନୁଯାୟୀ ଖିଣ୍ଡା ପଞ୍ଚାୟତର ୧୫ ଓ ୧୬ ନମ୍ବର ୱାର୍ଡରେ ପ୍ରାୟ ୬୦୦ ଲୋକ ବସବାସ କରନ୍ତି। ସେମାନଙ୍କ ପିଇବା ପାଣି ପାଇଁ ଗ୍ରାମରେ ଗୋଟିଏ ଖୋଲା ସରକାରୀ କୂଅ ଅଛି। କିନ୍ତୁ କୂଅ ପାଣି ପିଇବା ଉପଯୋଗୀ ହେଉ ନ ଥିବାରୁ ଗୋଟିଏ ନଳକୂପ ଖୋଳାଯାଇଛି। ସେମାନଙ୍କ ପାଇଁ ଏହି ନଳକୂପ ପାଣି ହିଁ ଭରସା। ଯଦି ନଳକୂଅଟି ଅଧିକ ସମୟ ବ୍ୟବହାର ନ କରାଯାଉଛି, ତେବେ ସେଥିରୁ ଲୌହ ମିଶ୍ରିତ ପାଣି ବାହାରୁଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ ସେହି ନଳକୂପ ପାଣି ପିଇ ଗ୍ରାମରେ କିଡ୍‌ନୀ ରୋଗ ହେଉଛି। ଗ୍ରାମର ତ୍ରିନାଥ ବେହେରା, ତୈଲଖ ବେହେରା ଆକ୍ରାନ୍ତ ଥିବା ବେଳେ ଭିକାରୀ ବେହେରା, କ୍ଷେତ୍ରବାସୀ ବେହେରା, ଅଇଁଠା ବେହେରା, ସୁକାନ୍ତି ବେହେରା ୨୦୨୦ ମସିହାରୁ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ତୈଲଖ ବେହେରା ଜୀବିତ ଥିବା ବେଳେ ଅନ୍ୟ ସମସ୍ତେ ମୃତ୍ୟୁବରଣ କରିସାରିଛନ୍ତି। ଏମାନଙ୍କ ପରେ ପ୍ରଫୁଲ୍ଲ ବେହେରା ବି ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ସବୁଠୁ ବଡ଼ କଥା ହେଲା, ଏଠାକାର ଅନେକ ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପ୍ରତ୍ୟେକ ମାସରେ ଔଷଧ କିଣି ଖାଇବା ସମ୍ଭବ ହେଉନାହିଁ। ସମସ୍ତ ଘଟଣାକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ଡାକ୍ତରୀ ଦଳ ଧରି ଗାଁଗୁଡିକୁ ବୁଲି ପରୀକ୍ଷାନିରୀକ୍ଷା କରିଥିଲେ। ହେଲେ ଏପର୍ଯ୍ୟନ୍ତ ମହୀଧରପଡ଼ା ଗାଁରେ ପାନୀୟ ବିଶୁଦ୍ଧ ଜଳ ସୁବିଧା ହୋଇପାରିଲା ନାହିଁ। ମେଗା ପ୍ରକଳ୍ପ ପାଇଁ ଅନ୍ୟ କୌଣସି ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇ ପାରୁନାହିଁ। ଲୋକେ ଖୋଲାକୂଅ ଏବଂ ଗୋଟିଏ ନଳକୂପ ଉପରେ ଏବେବି ନିର୍ଭରଶୀଳ। କରାବିରା ଗାଁରେ ଦୁଇଟି ନଳକୂପରୁ ଗୋଳିଆପାଣି ବାହାରିବା କାରଣରୁ ଏହାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବନ୍ଦ କରିଦେଇଛି। ଗୋଟିଏ ମାତ୍ର ଖୋଲାକୂଅ ଅଛି, ଯେଉଁଥିରୁ ଗ୍ରାମବାସୀ ପାନୀୟ ଜଳ ବ୍ୟବହାର କରୁଛନ୍ତି।

**ପାଇପ୍ ପାଣି ପାଇଁ ସୁଧୁରିଛି ଡାଙ୍ଗବାହାଲର ସ୍ଥିତି:**

ବରଗଡ଼ରୁ ୭୦ କି.ମି ଦୂର ଗାଇସିଲେଟ ବ୍ଲକ ଡାଙ୍ଗବାହାଲ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳର ସ୍ଥିତି ଖୁବ୍ ସଙ୍ଗିନ। ୨୦୧୨ ମସିହାରେ ଏହି ଗ୍ରାମର ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଦେବାରୁ ସେମାନେ ବ୍ୟବହାର କରୁଥିବା ନଳକୂପର ପାଣି ଏହାର କାରଣ ହୋଇପାରେ ବୋଲି ମନେକରି ସେମାନେ ପାଣି ପରୀକ୍ଷା କରିବା ପାଇଁ ପଠାଇଥିଲେ। ଯେଉଁଥିରୁ ପାଣିରେ ଫ୍ଲୋରାଇଡ ମିଶିକି ରହିଛି ବୋଲି ସାମ୍ନାକୁ ଆସିଥିଲା। ଏହି ବିଷାକ୍ତ ପାଣି ପାଇଁ ଗ୍ରାମର ରଣଜିତ ନାଗ, କୃଷ୍ଣ ମିର୍ଦ୍ଧା, ଶଙ୍କର ଭୋଇ,

→







ଜୀବର୍ଦ୍ଧନ ଖାଙ୍କର, ଭୂପାଳ ପଧାନ, ଯଦୁମଣି ସାହୁ ପ୍ରମୁଖ ମୃତ୍ୟୁବରଣ କଲେ। ବିଷାକ୍ତ ଜଳ ଜୀବନ ନେଉଛି ବୋଲି ଜାଣି ସାରିବା ପରେ ଗ୍ରାମବାସୀ ଅନେକ ଆନ୍ଦୋଳନ, ଧାରଣା କରିବା ସହ ପ୍ରଶାସନକୁ ଦାବିପତ୍ର ଦେଇଥିଲେ। ପରେ ପ୍ରଶାସନ ପଦକ୍ଷେପ ନେଇ ୧୦ କି.ମି. ଦୂର ଅଙ୍ଗ ନଦୀରୁ ପାଇପ୍ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। ଫଳରେ ବର୍ତ୍ତମାନ ଏହି ଗ୍ରାମରେ କୌଣସି କିଡ୍‌ନୀଆକ୍ରାନ୍ତ ଏବେ ଦୃଷ୍ଟିଗୋଚର ହେଉନାହାନ୍ତି। ଏହାଛଡ଼ା ସତ୍ୟସାଇ ସଙ୍ଗଠନ ତରଫରୁ ଏକ ଗଭୀର ନଳକୂପ ଖୋଳି ସେଥିରେ ଫିଲ୍‌ଟର ଯନ୍ତ୍ର ସ୍ଥାପନ କରି ଜନ ସାଧାରଣଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏବେବି ଏହାର ମାଟିତଳ ଜଳରେ ଫ୍ଲୋରାଇଡ୍ ରହିଛି, କିନ୍ତୁ ବାହାରୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଉଥିବାରୁ ଲୋକଙ୍କ ସମସ୍ୟା ଏବେ ପ୍ରାୟ ଦୂର ହୋଇଛି। ତେବେ ଗ୍ରୀଷ୍ମଋତୁରେ ଜଳଯୋଗାଣ ହେଉଥିବା ଅଙ୍ଗ ନଦୀରେ ଜଳସ୍ତର କମିଯିବାରୁ ଆଗାମୀ ଏପ୍ରିଲ ମାସରୁ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହେବାର ଆଶଙ୍କା ବି ରହିଛି। ଏଣୁ ନଦୀରେ ଜଳ ଯୋଗାଣ ପାଇଁ ଏକ କୂପ ଖୋଳିବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

**କିଡ୍‌ନୀ ରୋଗ କବଳରେ ବଡ଼ମ୍ବା-ନରସିଂହପୁର :** କଟକ ଜିଲା ବଡ଼ମ୍ବା ଓ ନରସିଂହପୁର ବ୍ଲକ। କହିବାକୁ ଗଲେ ଏକପ୍ରକାର ଆତଙ୍କ ଭିତରେ ଜୀବନ କାଟନ୍ତି ଏଠାକାର ଲୋକ। କାରଣ ହେଉଛି ଏଠାକାର ଫ୍ଲୋରାଇଡ୍‌ଯୁକ୍ତ ବିଷାକ୍ତ ପାଣି ; ଯାହାକୁ ବ୍ୟବହାର କରି ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦିନକୁ ଦିନ ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଉଭୟ ବ୍ଲକର ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ରୋଗରେ କେତେଯେ ମଲେଣି ତାହାର ହିସାବ କିଏ ବା କରିବ। ଆଉ ଏବେ ବି ଶତାଧିକ ବ୍ୟକ୍ତି ଆକ୍ରାନ୍ତ ହୋଇ ଚିକିତ୍ସିତ ଅଛନ୍ତି। ବ୍ୟୟବହୁଳ ଚିକିତ୍ସା କାରଣରୁ ଅନେକ ସେମିତି ଭାଗ୍ୟକୁ ଆଦରି ପଡ଼ି ରହୁଛନ୍ତି। କେହି କେହି ନିଜ ଖର୍ଚ୍ଚରେ ଚିକିତ୍ସିତ ହେଉଥିବାବେଳେ ଆଉ କାହାର ଅପେକ୍ଷା ରହୁଛି ସରକାରୀ ସହାୟତାକୁ। ଅବଶ୍ୟ ଏ ଦିଗରେ କଟକର ପ୍ରାକ୍ତନ ଜିଲାପାଳ ଗିରିଶ ଏସ୍.ଏନ୍.ଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। କାରଣ ବଡ଼ମ୍ବା-ନରସିଂହପୁର ଉଭୟ ବ୍ଲକରେ ଆକ୍ରାନ୍ତ ଥିବା ରୋଗୀଙ୍କ ସଂଖ୍ୟା ଓ ସେମାନଙ୍କ ଅବସ୍ଥା ଇତ୍ୟାଦି ଉପରେ ବିଭାଗୀୟ ଅଧିକାରୀ ଜିଲା ତଥା ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ମାଧ୍ୟମରେ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏପରିକି ଜିଲା ରେଡ୍‌କ୍ରସ ମାଧ୍ୟମରେ କିଛି କିଛି ରୋଗୀଙ୍କୁ ସ୍ୱଳ୍ପ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ଏପରିକି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରିଜିଓନାଲ ରିସର୍ଚ୍ଚ ଲବୋରାଟୋରୀ ଦଳର ପଦାଧିକାରୀ ଓ କର୍ମକର୍ତ୍ତା ଏ ଅଞ୍ଚଳକୁ ଆସି ଉଭୟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଜଳ, ମାଟି ନମୁନା ସଂଗ୍ରହ କରି ନେଇଥିଲେ। ସଂଗୃହୀତ ମାଟିତଳ ଜଳ ପରୀକ୍ଷାର ରିପୋର୍ଟ ଅନୁସାରେ, ଏଥିରେ ପାରଦ, ଲିଥିୟମ ଓ କାଡିୟମର ମାତ୍ରା ଅଧିକ ଥିବା ପ୍ରକାଶ ପାଇଥିଲା। ମାତ୍ର ଏସବୁ ଯେ କିଡ୍‌ନୀ ରୋଗର ବାହାକ କିମ୍ବା କେବଳ ଏହାର ପ୍ରଭାବରେ କିଡ୍‌ନୀ ରୋଗ ବ୍ୟାପୁଛି ତାହା ସ୍ପଷ୍ଟ ହୋଇପାରିନଥିଲା। ସେ ଯାହା ହେଉନା କାହିଁକି ଉଭୟ ଅଞ୍ଚଳ ପାଇଁ ଏହା ଉପରେ ଅଧିକ ଗବେଷଣା ଓ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତ କରାଯାଇଥିବା ପ୍ରାଥମିକ ରିପୋର୍ଟ ଅନୁସାରେ ବଡ଼ମ୍ବା ବ୍ଲକର ଖଜିଆ, ଦାଶରଥିପୁର, ଗୋପାଳପୁର, ଜାନିସାହି, ଶଙ୍ଖାମେରୀ, ସୁନାପାଳ, ମଧୁବନ, ଖଇରପଙ୍ଗା, ଇଛାପୁର, କରଡିବନ୍ଧ, ବଡ଼ମ୍ବା, ମାଣିଆବନ୍ଧ, କାଞ୍ଜିଆପାଳ, ବେଲିଆପାଳ, ରତାପାଟ, ଜାନିପଦର, ମୁଲିଆବାଙ୍କ, ଖାରୋଡ଼, ସାନବାରସିଂହ, ରଗଡ଼ିପଡ଼ା, ଅଭିମାନପୁର ଇତ୍ୟାଦି ଗ୍ରାମ ଓ ନରସିଂହପୁର ବ୍ଲକ ଅଞ୍ଚଳର ନିଜିଗଡ଼, ଫୁଲପଡ଼ା, ଦୁର୍ଗାପ୍ରସାଦ, ବାଘଧରିଆ, ରାଉତଭୁଇଁ, ପାଇପବାରବାଟୀ, ପାଇକପଡ଼ା ପାଟଣା, ନୂଆରଣସିଂହପୁର, କୋକଳବା, ବନ୍ଧହୁଡା, ନୂଆପାଟଣା ଇତ୍ୟାଦି ଅଞ୍ଚଳର ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ପ୍ରକାଶ ପାଇଛି। ଏହା ବ୍ୟତିରେକେ ମହିଳାଙ୍କ ଅପେକ୍ଷା ଏହି ରୋଗରେ ପୁରୁଷ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ବୋଲି ପ୍ରକାଶ ପାଇଛି। ଘଟଣା ସଂପର୍କରେ ନରସିଂହପୁର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍ଫର ସମ୍ପାଦକ ତଥା ସାମାଜିକକର୍ମୀ







ବିଜୟ କୁମାର ପଣ୍ଡା ଜାତୀୟ ମାନବାଧିକାର କମିଶନର, ନୂଆଦିଲ୍ଲୀ ଓ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେହିପରି ଅନୁଷ୍ଠାନ ତରଫରୁ ନରସିଂହପୁର ଅଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟ ଜାରି ରଖାଯାଇଛି। ଯେଉଁଥିରେ ଏହି ଅଞ୍ଚଳରେ ଅନୁଷ୍ଠାନ ତରଫରୁ ପ୍ରାୟ ୬ଗୋଟି ୱାଟର ଏ.ଟି.ଏମ୍ ବସାଯାଇ ସ୍ୱଳ୍ପ ମୂଲ୍ୟରେ ପାଣି ଯୋଗାଇ ଦିଆଯାଉଛି। ଏହାଛଡ଼ା ନରସିଂହପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ଥରେ ୨୦୧୩ ମସିହାରେ ଡାଏଲେସିସ୍ ମେସିନ୍ ବସାଯାଇଥିଲା, ମାତ୍ର ବିଶେଷଜ୍ଞ ଅଭାବରୁ ଏହା ବିଭିନ୍ନ ସମୟରେ ବନ୍ଦ ରହୁଥିବା ପ୍ରକାଶ ପାଇଛି। ଉଭୟ ବ୍ଲକ ଅଞ୍ଚଳରେ ଯେଭଳି ଭାବେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯଦି ପ୍ରଶାସନିକ ସ୍ତରରେ ପଦକ୍ଷେପ କିମ୍ବା ପ୍ରତିକାର କରାନଯାଏ ତେବେ ଉଭୟ ବ୍ଲକ ଅଞ୍ଚଳର ବହୁ ଗ୍ରାମ ପୁରୁଷ ଶୂନ୍ୟ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏଣୁ ପ୍ରଶାସନିକ ସ୍ତରରେ ଏହାର ତଦନ୍ତ କରାଯାଇ ସମସ୍ତ ରୋଗୀଙ୍କୁ ଚିହ୍ନଟ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

**ନୟାଗଡ଼ ଜିଲାରେ ବି ଫ୍ଲୋରାଇଡ୍ ସମସ୍ୟା :** ନୟାଗଡ ଜିଲାର ବିଭିନ୍ନ ଗାଁ ଓ ସହରରେ ଫ୍ଲୋରାଇଡ ପାଣି ଚିନ୍ତାର କାରଣ ପାଲଟିଛି। ଫ୍ଲୋରାଇଡ ପାଣି ପିଇଲେ ଗୋଡ ହାତ ବିଙ୍କା ହେବା ସହ ଦାନ୍ତ କସରା ହୋଇ ଯାଉଛି। ଅକାଳ ବାର୍ଦ୍ଧକ୍ୟ ଆସୁଛି। କିଛି ସ୍ଥାନର ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ସହ ପ୍ରାଣ ହରାଉଛନ୍ତି। ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପଞ୍ଚାୟତର ଗାଣ୍ଡେରୀ ଗାଁରେ ୫ ବର୍ଷରେ ବିକ୍ରମ ମଲିକ ଓ ପତ୍ନୀ ବିଳାସିନି ମଲିକ, ରାଜେନ୍ଦ୍ର ମଲିକ, ଗୌରାଙ୍ଗ ମଲିକ, ପୂର୍ଣ୍ଣଚନ୍ଦ୍ର ମଲିକ, ପ୍ରମୋଦ ମଲିକପ୍ରମୁଖ ୬ ଜଣ ପ୍ରାଣ ହରେଇଲେଣି। ପୁଣି କିଛି ନୂଆ ରୋଗୀ ମଧ୍ୟ ଚିହ୍ନଟ ହୋଇଛନ୍ତି। ଗାଁରେ ଥିବା ନଳକୂପରୁ ପାଣି ପିଇ ଏପରି ହେଉଥିବା ଗାଁ ଲୋକ ଜାଣିବା ପରେ ନଳକୂପର ପାଣି ନପିଇ ଖୋଲା କୂଅର ପାଣି ପିଉଛନ୍ତି। ଏନେଇ ଗାଁର ପଦ୍ମନାଭ ମଲିକ କୁହନ୍ତି, 'ଗାଁରେ କାହିଁକି ଲୋକମାନେ ଅକାଳରେ ପ୍ରାଣ ହରାଉଛନ୍ତି ଜାଣି ପାରି ନଥିଲୁ। ପରେ କିଡ୍‌ନୀ ରୋଗ ଏହାର କାରଣ ବୋଲି ଜାଣିଲୁ। ୨୦୧୯ରୁ ଗାଁରେ ଲୋକଙ୍କ ମୃତ୍ୟୁକୁ ନେଇ ବିଡିଓ, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲୁ। ହେଲେ ଏଯାବତ୍ ସୁଫଳ ମିଳି ନାହିଁ। ସେହିପରି ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତର ଗୋବର୍ଦ୍ଧନପୁର, ଚଢ଼େୟାପଲ୍ଲୀ ପଞ୍ଚାୟତ, ଭୋଗବାଡି ପଞ୍ଚାୟତର କୁଟୁବାଡି, ନୂଆଗାଁ ବ୍ଲକର ସେନ୍ତେରୀ ଅଞ୍ଚଳରେ ମଧ୍ୟ ଫ୍ଲୋରାଇଡ୍‌ର ପ୍ରକୋପ ଦେଖାଦେଇଛି। ଅନ୍ୟପକ୍ଷେ ନୟାଗଡ ମ୍ୟୁନିସିପାଲିଟି ଅଞ୍ଚଳରେ ମଧ ଫ୍ଲୋରାଇଡ୍‌ର ପ୍ରଭାବ ଦେଖାଦେଇଛି। ନୟାଗଡ ନିଉ ଟାଉନର ରାଜବଗିଚା, ସିଭିଲ କୋର୍ଟ ଲେନ ପରି ଅଞ୍ଚଳରେ ନଳକୂପ ଜଳ ଆଦୌ ପିଇବା ଉପଯୋଗୀ ନୁହେଁ। ନଳକୂପର ଜଳରେ ଫ୍ଲୋରାଇଡ୍ ଆସୁଥିବାବେଳେ ମହାନଦୀର ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିବା ପରେ ନୟାଗଡ ସହରରେ ଫ୍ଲୋରାଇଡ୍‌ର ପ୍ରକୋପ ହ୍ରାସ ପାଇଛି। କେବଳ ଏହି କେତୋଟି ଗ୍ରାମ ନୁହେଁ ଖୋର୍ଦ୍ଧା, ବୋଲଗଡ଼ ସହିତ ଓଡ଼ିଶାରେ ଏମିତି ଆହୁରି କେତୋଟି ଗ୍ରାମ ରହିଛି, ଯେଉଁଠି ବିଷାକ୍ତ ପାନୀୟ ଜଳ ପାଇଁ ଲୋକେ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି।

**-ବନବିହାରୀ ବେହେରା**

**ଦିବ୍ୟଶାନ୍ତନୁ ନାଥ, ଦୁର୍ଗାପ୍ରସାଦ ତ୍ରିବେଦୀ, ମାୟାଧର ମଲ୍ଲିକ, ଲୋକନାଥ ମିଶ୍ର**





# ବିସ୍ମୟ ଜଳାଶୟ

**ପ୍ରକୃତି ଯେତିକି ମନୋମୁଗ୍ଧକର, ସେତିକି ବିସ୍ମୟକର । ଆଉ କେବେ କେବେ ଏହା ହୋଇପାରେ ପ୍ରାଣଘାତକ । ଏଇ ଯେମିତି କିଛି ନଦୀ ଓ ହ୍ରଦ ଏତେ ମନୋରମ ଯେ, ତା'ର ସୌନ୍ଦର୍ଯ୍ୟରେ ହଜି ଯାଇ ଯଦି ସାମାନ୍ୟ ଭୁଲ କରିଦେବେ ଚାଲିଯାଇପାରେ ଜୀବନ...**


**ମମି ବନାଉଥିବା ହ୍ରଦ:** ଜୀବନ ପାଇଁ ଜଳ ଅପରିହାର୍ଯ୍ୟ, କିନ୍ତୁ ତାଞ୍ଜାନିଆର ନାଟ୍ରୋନ ହ୍ରଦ ଜୀବନଦାୟକ ନୁହେଁ ବରଂ ପ୍ରାଣଘାତକ । ହ୍ରଦଟି ରକ୍ତିମ ଲାଲରଙ୍ଗର । ଆଉ ଠାଏ ଠାଏ ଦେଖିବାକୁ ମିଳେ ଅନେକ ମୃତପକ୍ଷୀର ମମିର ଅଜବ ଓ ଛାତି ଥରାଇ ଦେବାଭଳି ଦୃଶ୍ୟ । ତେବେ ଏହି ପକ୍ଷୀମାନେ ଏଠି ମମି ହୁଅନ୍ତି କିପରି ?

ନାସା ଅନୁଯାୟୀ, ସୋଡିୟମ କାର୍ବୋନେଟର ଏକ ପ୍ରାକୃତିକ ମିଶ୍ରଣ 'ନାଟ୍ରୋନ'ରୁ ଏହି ହ୍ରଦର ନାମକରଣ କରାଯାଇଛି । ପ୍ରାଚୀନ ମିଶରୀୟମାନଙ୍କ ସମେତ ଅନେକ ସଂସ୍କୃତିରେ ମୃତଦେହକୁ ସଂରକ୍ଷିତ ରଖିବା ବା ମମିଫିକେଶନ ପ୍ରକ୍ରିୟାରେ ନାଟ୍ରୋନ ବ୍ୟବହାର କରାଯାଉଥିଲା । ପ୍ରକୃତରେ, ଏହି ହ୍ରଦରେ ମୃତ୍ୟୁବରଣ କରୁଥିବା ଜୀବଜନ୍ତୁମାନଙ୍କ ସହିତ ମଧ୍ୟ ପ୍ରାୟ ସମାନ ଘଟଣା ଘଟିଥାଏ । ଅର୍ଥାତ୍ ନାଟ୍ରୋନ ହ୍ରଦରେ ପଡ଼ି ମୃତ୍ୟୁବରଣ କରୁଥିବା ପ୍ରାଣୀମାନେ ଏହି ଜଳରେ ମମି ହୋଇଯାଆନ୍ତି । ବିଶେଷକରି ପ୍ରବାସୀ ପକ୍ଷୀମାନେ ଭୁଲରେ ଏହି ପାଣିରେ ଅବତରଣ କରି ନିଜର ଜୀବନ ହରାଇଥାନ୍ତି ଓ କାଳକ୍ରମେ ଏହି ରସାୟନର ପ୍ରଭାବରେ ମମି ହୋଇଯାଆନ୍ତି । ଆଉ ହ୍ରଦଟିର ନାଲି ରଙ୍ଗ ଏଥିରେ ଥିବା ଲବଣ-ପ୍ରିୟ ସିୟାନୋବ୍ୟାକ୍ଟେରିଆ ବ୍ୟାକ୍ଟେରିଆ ଯୋଗୁ ହୋଇଥାଏ । ଏହି ହ୍ରଦର ଜଳର ତାପମାତ୍ରା ୧୨୦° ଫାରେନହାଇଟରୁ ଅଧିକ ହୋଇପାରେ ଏବଂ ଏହାର ଅତ୍ୟଧିକ ଲୁଣର ପରିମାଣ ଚର୍ମ ଏବଂ ଆଖି ପାଇଁ ଅତ୍ୟନ୍ତ କ୍ଷତିକାରକ । ଏହି ଜଳ ଅଧିକ ମାତ୍ରାରେ ଶରୀର ଭିତରକୁ ଗଲେ ବିଷାକ୍ତ ହୋଇପାରେ । ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ନାଟ୍ରୋନ ହ୍ରଦ ବି ଜୀବରେ ପରିପୂର୍ଣ୍ଣ । ଏହାର ଲୁଣିଆ ଜଳାଶୟ ଆଲକାଲାଇନ ତିଲାପିଆ ମାଛ ଏବଂ ଫ୍ଲାମିଙ୍ଗୋ ଭଳି 'ଏକ୍ସଟ୍ରିମୋଫାଇଲ' ପ୍ରାଣୀଙ୍କର ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ । ଏମାନେ ଏହି ପାଣିରେ ବା ଏହାର ଆଖପାଖରେ ରହିବାକୁ ନିଜକୁ ଖାପଖୁଆଇ ନେଇଛନ୍ତି । ଏହାବାଦ୍ ବିଶ୍ୱର ପ୍ରାୟ ୭୫ ପ୍ରତିଶତ 'ଲେସର୍ ଫ୍ଲାମିଙ୍ଗୋ' ବଂଶବୃଦ୍ଧି ପାଇଁ ଏହି ହ୍ରଦକୁ ବ୍ୟବହାର କରିଥାନ୍ତି ।

**ଫୁଟୁଥିବା ନଦୀ:** ଉଷ୍ମ ପ୍ରସ୍ରବଣ ବିଷୟରେ ଶୁଣିଥିବେ କିମ୍ବା ସେଠାକୁ ଯାଇଥିବେ ମଧ୍ୟ । କିନ୍ତୁ ଜାଣନ୍ତି କି ଶାନାୟ-ତିମ୍ପିଶ୍କା ହେଉଛି ଏମିତି ଏକ ନଦୀ, ଯାହା ଦେଖିବାକୁ ଏକ ଉଷ୍ମପ୍ରସ୍ରବଣ ଭଳି ଲାଗେ । କାରଣ ଅହରହ ଏଥିରୁ ବାମ୍ପ ବାହାରିଥାଏ । ହେଲେ ପ୍ରକୃତରେ ଏହା ଉଷ୍ମପ୍ରସ୍ରବଣଠୁ ଭିନ୍ନ । କାରଣ ଏହାର ଜଳ ପ୍ରକୃତରେ ଫୁଟୁଛି । ଏହା ହେଉଛି ବିଶ୍ୱର ଏକମାତ୍ର ଫୁଟୁଥିବା ନଦୀ । ଏହା ପେରୁର ଆମାଜନ ବର୍ଷାବଣର କେନ୍ଦ୍ରସ୍ଥଳରେ ଅବସ୍ଥିତ । ଏହା 'ଲା ବୋମ୍ବା' ନାମରେ ମଧ୍ୟ ପରିଚିତ । ଆମାଜନ ନଦୀର ଏହି ଅଦ୍ଭୁତ ଉପନଦୀଟି ୬.୪ କି.ମି. ଲମ୍ବା । ଏହାର ପାଣି ଅତ୍ୟଧିକ ଗରମ, ଯାହାର ତାପମାତ୍ରା ୪୫° ସେଲ୍‌ସିୟସରୁ ୧୦୦° ସେଲ୍‌ସିୟସ ମଧ୍ୟରେ ରହିଥାଏ । ତେଣୁ ଏହାର ଜଳରେ ଶରୀର ଜଳି ଯାଇପାରେ । ବୈଜ୍ଞାନିକ ଦୃଷ୍ଟିକୋଣରୁ, ସାଧାରଣତଃ ଏଭଳି ଘଟଣା ସେତେବେଳେ ହୁଏ ଯେବେ ନଦୀଟି ସକ୍ରିୟ ଆଗ୍ନେୟଗିରିର ମୁଖ ନିକଟବର୍ତ୍ତୀ ସ୍ଥାନ ସହ ଜଡ଼ିତ ଥାଏ । କିନ୍ତୁ ଏହି ଫୁଟନ୍ତା ନଦୀଟି କୌଣସି ଆଗ୍ନେୟଗିରିଠାରୁ ବହୁ ଦୂରରେ ଅବସ୍ଥିତ । ତେବେ ଏହି ନଦୀର ଜଳ ଫୁଟେ କେମିତି ? ପ୍ରଚଳିତ ବୈଜ୍ଞାନିକ ସିଦ୍ଧାନ୍ତ ଅନୁଯାୟୀ, ନଦୀର ଏହି ଉତ୍ତାପ ପାଇଁ ପୃଥିବୀର 'ଜିଓଥର୍ମାଲ ଗ୍ରାଡିଏଣ୍ଟ' ଦାୟୀ । ଯେତେବେଳେ ଆମାଜନ ବର୍ଷାବଣର ପୃଷ୍ଠଭାଗରେ ବର୍ଷାଜଳ ପ୍ରବେଶ କରେ, ଏହା ପୃଥିବୀର ଗଭୀରରେ ଥିବା ଫାଟ ଦେଇ ଆର୍ଥ କ୍ରଷ୍ଟ ବା ଭୂତ୍ୱକ ଭିତରକୁ ଚାଲିଯାଏ । ଏହା ମ୍ୟାଣ୍ଟଲର ନିକଟବର୍ତ୍ତୀ ହୋଇଥିବାରୁ ଜିଓଥର୍ମାଲ ଗ୍ରାଡିଏଣ୍ଟ ଯୋଗୁ ପାଣି ଅତ୍ୟଧିକ ଗରମ ହୋଇଯାଏ । ସରଳ ଭାବରେ କହିଲେ ବର୍ଷା ଜଳ ଭୂତ୍ୱକର ଗଭୀରକୁ ଯିବା ସମୟରେ ଗରମ ହୁଏ ଏବଂ ପରେ ଫାଟ ଦେଇ ଗରମ ପ୍ରସ୍ରବଣ ଭାବରେ ପୁଣି ପୃଷ୍ଠଭାଗକୁ ଫେରିଆସେ ।


ନାଟ୍ରୋନ ହ୍ରଦରେ ମମି ପାଲଟିଥିବା ପକ୍ଷୀ

**ବମ୍ ହୋଇ ଫୁଟିବ ଲେକ୍ କିଭୁ:** ଇଏ ଏମିତି ଏକ ହ୍ରଦ, ଯାହା କେତେବେଳେ ବି ବୋମା ଭଳି ଫୁଟିପାରେ । ଆଫ୍ରିକାର ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ ଏବଂ ରୁୱାଣ୍ଡା ମଧ୍ୟରେ ଅଛି ଏହି ହ୍ରଦ, ଯାହାର ନାମ ହେଉଛି 'କିଭୁ' । ଉକ୍ତ ହ୍ରଦର ଆଖପାଖରେ ପ୍ରାୟ କୋଡ଼ିଏ ଲକ୍ଷ ଲୋକ ବସବାସ କରନ୍ତି । ଯେତେବେଳେ ଏହି ହ୍ରଦରେ ଲୋକମାନେ ଗାଧୋଇବାକୁ ଯାଆନ୍ତି, ସେତେବେଳେ ସେମାନେ ଏହି ବିଷୟରେ ଅବଗତ ଥାଆନ୍ତି ଯେ, ଏହି ହ୍ରଦରେ ଯେକୌଣସି ସମୟରେ ସେମାନଙ୍କର ଶରୀର ଖଣ୍ଡ ବିଖଣ୍ଡିତ ହୋଇପାରେ । ତେବେ ଏହି ହ୍ରଦରେ ଏମିତି କ'ଣ ଅଛି ଯେ, ଯାହାଦ୍ୱାରା ହ୍ରଦଟି ଦିନେ ଏକ ବୋମାରେ ପରିଣତ ହେବାର ଆଶଙ୍କା ରହିଛି ? ୯୦ କି.ମି. ଲମ୍ବ, ୫୦ କି.ମି. ଚଉଡ଼ା ଏବଂ ୧,୫୬୦ ଫୁଟ ଗଭୀର କିଭୁ ହ୍ରଦରେ ପ୍ରଚୁର ପରିମାଣର କାର୍ବନ ଡାଇଅକ୍ସାଇଡ ଏବଂ ମିଥେନ ଗ୍ୟାସ ଭରି ରହିଛି । ଫଳରେ ଏହା ବିନା କୌଣସି ଚେତାବନୀରେ ଯେକୌଣସି ସମୟରେ ଫାଟିପାରେ । ମିନେସୋଟା ଡୁଲୁଥ ୟୁନିଭରସିଟିର ଫିଜିକାଲ ଏବଂ ଜିଓକେମିକାଲ ଲିମ୍ନୋଲୋଜିର ପ୍ର. ସର୍ଗେଇ କାତ୍ସେଭ 'ନ୍ୟାଶନାଲ ଜିଓଗ୍ରାଫିକ୍'କୁ କହନ୍ତି, ଏହି ହ୍ରଦର ଗଠନ ଭିନ୍ନ । ଏହାର ସ୍ତରଗୁଡ଼ିକ ସାଧାରଣ ନୁହେଁ । ଏଥିରେ କେବଳ ଉପରର ୨୦୦ ଫୁଟ ଜଳ ନିୟମିତ ଭାବରେ ମିଶ୍ରିତ ହୋଇଥାଏ ଏବଂ ନିମ୍ନ ସ୍ତରଗୁଡ଼ିକ ସେମିତି ସ୍ଥିର ହୋଇ ରହିଥାଏ । ଫଳରେ ହ୍ରଦର ତଳ ଭାଗରୁ ଉପରକୁ ଉଠୁଥିବା କାର୍ବନ ଡାଇଅକ୍ସାଇଡ ଏବଂ ମିଥେନ ଗ୍ୟାସ ଫସିଯାଏ ଏବଂ ୮୫୦ ଫୁଟ ଗଭୀର ଓ ତା'ର ନିମ୍ନ ସ୍ତରରେ ଜମା ହୋଇ ରହିଯାଏ । →






କିଭୁ ହ୍ରଦର ତଳଭାଗରେ ପ୍ରାୟ ୩୦୦ କ୍ୟୁବିକ କି.ମି. କାର୍ବନ ଡାଇଅକ୍ସାଇଡ ଏବଂ ୬୦ କ୍ୟୁବିକ କି.ମି. ମିଥେନ ଅଛି। ଯାହାସହ ପୃଥିବୀର କ୍ରଷ୍ଟ ବା ଭୂତ୍ୱକରେ ଥିବା ହାଇଡ୍ରୋଜେନ ସଲଫାଇଡ ଗ୍ୟାସ ଧୀରେ ଧୀରେ ମିଶୁଛି। ଏହି ବିଷାକ୍ତ ମିଶ୍ରଣ ଖୁବ୍ ଶୀଘ୍ର ଆଖପାଖର ଜନବହୁଳ ଅଞ୍ଚଳରେ ବ୍ୟାପିଯାଇପାରେ ଓ କ୍ଷତି ଘଟାଇପାରେ। କାନାଡ଼ାସ୍ଥିତ 'ହାଇଡ୍ରାଗ୍ୟାସ ଏନର୍ଜି' କମ୍ପାନୀର ପ୍ରତିଷ୍ଠାତା ଫିଲିପ ମୋର୍କେଲ 'ନ୍ୟାଶନାଲ ଜିଓଗ୍ରାଫିକ'କୁ କହିଛନ୍ତି ଯେ, ଯେତେବେଳେ ହ୍ରଦର ତଳ ସ୍ତର ୧୦୦ ପ୍ରତିଶତ ସାଚୁରେସନ ସୀମାରେ ପହଞ୍ଚିଯିବ, ସେତେବେଳେ ଏହା ଆପେ ଫାଟିଯିବ। ଯଦି ହ୍ରଦରେ ବିସ୍ଫୋରଣ ହୁଏ, ତେବେ ଗ୍ୟାସର ଏକ ବିଶାଳ ବାଦଲ ବାହାରିବ, ଯାହା ସପ୍ତାହ ପର୍ଯ୍ୟନ୍ତ ହ୍ରଦ ଉପରେ ବ୍ୟାପି ରହିବ। ଏହାର ବାଷ୍ପ ବା ଧୂଆଁ ସଂସ୍ପର୍ଶରେ ଆସି କିଭୁ ହ୍ରଦ କୂଳରେ ରହୁଥିବା ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ମୃତ୍ୟୁବରଣ କରିବାକୁ ମାତ୍ର ଏକ ମିନିଟ ସମୟ ଲାଗିବ।

**ଡାନାକିଲ ଡିପ୍ରେସନର ଏସିଡିକ୍ ହ୍ରଦ:** ଇଥିଓପିଆର ଡାନାକିଲ ଡିପ୍ରେସନ ହେଉଛି ଏମିତି ଏକ ସ୍ଥାନ, ଯେଉଁଠି ଗଲେ ଅନ୍ୟ କୌଣସି ଗ୍ରହରେ ପହଞ୍ଚିଲା ପରି ଅନୁଭବ ହେବ। ଅବା ଲାଗିବ ଏହା କୌଣସି ସାଇନ୍ସ ଫିକ୍ସନ ଚଳଚ୍ଚିତ୍ର ଦୃଶ୍ୟ। କାହିଁକି ନା ଏଠାରେ ଦେଖିବାକୁ ମିଳେ ରଙ୍ଗବେରଙ୍ଗର ବିସ୍ତୃତ ଜମି, ଯାହାକି ବେଶ୍ ମନ୍ତ୍ରମୁଗ୍ଧକର। ହେଲେ ଏଠି ରହିଛି ଅନେକ ଏସିଡ ହ୍ରଦ। ତେଣୁ ଏହା ମଧ୍ୟରେ ଯେମିତି ପଡ଼ି ନ ଯାଆନ୍ତି ସେଥିପ୍ରତି ଖାସ୍ ଧ୍ୟାନ ଦେବାକୁ ପଡ଼େ। ଅର୍ଥାତ୍ ଏହି ସ୍ଥାନ ଯେତିକି ଆକର୍ଷକ ସେତିକି ବିପଜ୍ଜନକ ମଧ୍ୟ। ସମୁଦ୍ର ପତ୍ତନଠାରୁ ଏହା ୧୦୦ ମିଟର ତଳେ ଅବସ୍ଥିତ। ଏଠାକୁ ଗଲେ ପ୍ରଚଣ୍ଡ ଗରମ ହେବାସହ ଏସିଡ୍ ଏବଂ କେମିକାଲର ଦୁର୍ଗନ୍ଧ ହେବ। ଏଠାରେ ଅନେକ ଫାଟ ରହିଛି, ଯେଉଁଥିରୁ ଲାଭା ମଧ୍ୟ ନିର୍ଗତ ହେଉଥାଏ। ଅର୍ଥାତ୍ ସ୍ଥାନଟି ଦେଖିବାକୁ ଯେତିକି ସୁନ୍ଦର, ସେତିକି ଭୟଙ୍କର। ଏଠାକାର ଝରଣାଗୁଡ଼ିକୁ ଅନେକେ 'ହତ୍ୟାକାରୀ ହ୍ରଦ' ବୋଲି ମଧ୍ୟ କୁହନ୍ତି। ଏହି ସଲଫର ବା ଗନ୍ଧକ ଉଦ୍‌ଗିରଣ କରୁଥିବା ଝରଣାଗୁଡ଼ିକ କୂଳରେ ପ୍ରାୟତଃ ମୃତ ପଶୁ ଏବଂ ପୋକଜୋକ ଦେଖିବାକୁ ମିଳନ୍ତି। ସେମାନଙ୍କ ମୃତ୍ୟୁର କାରଣ ହେଉଛି ହ୍ରଦର ବିଷାକ୍ତ ପାଣି କିମ୍ବା ଦୀର୍ଘ ସମୟ ଧରି କାର୍ବନ ଡାଇଅକ୍ସାଇଡ ଯୁକ୍ତ ପବନରେ ନିଃଶ୍ୱାସ ନେବା। ଏହାକୁ 'ନର୍କର ଦ୍ୱାର' ବୋଲି ମଧ୍ୟ କୁହାଯାଏ। ଏହି ଅଞ୍ଚଳଗୁଡ଼ିକରେ ଅତ୍ୟନ୍ତ କମ୍ ବୃଷ୍ଟିପାତ ହୋଇଥାଏ। ବର୍ଷା ଜଳ କିମ୍ବା ଶୋଷିତ ହୋଇଥିବା ସମୁଦ୍ର ପାଣି ଯେତେବେଳେ ଏଠାରେ ପହଞ୍ଚେ, ତାହା ମ୍ୟାଗ୍ମା ଯୋଗୁ ଗରମ ହୋଇଯାଏ। ଲୁଣ ଏବଂ ମ୍ୟାଗ୍ମାରେ ଥିବା ଖଣିଜ ପଦାର୍ଥ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟିଥାଏ, ଯାହାଫଳରେ ଏଠାରେ ହଳଦିଆ ଏବଂ ସବୁଜ ରଙ୍ଗ ସୃଷ୍ଟି ହୁଏ। ପୃଥିବୀର ସବୁଠାରୁ ଗରମ ସ୍ଥାନ ମଧ୍ୟରୁ ଗୋଟିଏ ଏବଂ ପ୍ରଚଣ୍ଡ ଦୁର୍ଗନ୍ଧ ସତ୍ତ୍ୱେ, ଲୋକମାନେ ଏହି ପ୍ରାକୃତିକ ଚମତ୍କାରକୁ ଦେଖିବା ପାଇଁ ଏଠାକୁ ଆସିଥାନ୍ତି।

**ଘୋଷ୍ଟ ଫରେଷ୍ଟ କରିଛି ହର୍ସସୁ ଲେକ୍:** ଗଛର ଜୀବନ ଅଙ୍ଗାରକାମ୍ଳ। ବାୟୁମଣ୍ଡଳରୁ ଏହାକୁ ଗଛମାନେ ଗ୍ରହଣ କରନ୍ତି ଏବଂ ଜଳ ସହାୟତାରେ ଏହାକୁ ବ୍ୟବହାର କରି ଗ୍ଲୁକୋଜ ଓ ଅମ୍ଳଜାନ ପ୍ରସ୍ତୁତ କରନ୍ତି। ଯାହା ପ୍ରାଣୀଙ୍କ ଶ୍ୱାସକ୍ରିୟା ପାଇଁ ଜରୁରୀ। ହେଲେ ଯଦି ମାଟିରେ ଅଙ୍ଗାରକାମ୍ଳର ପରିମାଣ ଅତ୍ୟଧିକ ବଢ଼ିଯାଏ ପରିସ୍ଥିତି ଓଲଟା ହୋଇଯାଏ। କାଲିଫର୍ନିଆର ମାମୋଥ ମାଉଣ୍ଟେନ ଦକ୍ଷିଣ ପାର୍ଶ୍ୱରେ ଥିବା ହର୍ସସୁ ଲେକ କୂଳର ୧୨୦ ଏକର ପରିମିତ ଅଞ୍ଚଳରେ ଏହିଭଳି କିଛି ଦେଖିବାକୁ ମିଳେ। ଏଠାରେ ଭୂତଳସ୍ଥ ମାଗ୍ମାରୁ ଅଙ୍ଗାରକାମ୍ଳ ନିର୍ଗତ ହୋଇ ମାଟିକୁ ଚାଲିଆସେ। ଅନେକ ସମୟରେ ଏହାର ମାତ୍ରା ୯୦% ପର୍ଯ୍ୟନ୍ତ ପହଞ୍ଚିଯାଏ। ଏହା ମାଟିର pH ସ୍ତରକୁ ପରିବର୍ତ୍ତନ କରିଦିଏ, ଏକ ଅମ୍ଳଜାନ-ହୀନ ପରିବେଶ ସୃଷ୍ଟି କରେ। ଫଳରେ ଗଛର ଚେରଗୁଡ଼ିକ ପାଇଁ ଶ୍ୱାସକ୍ରିୟା କରିବା ତଥା ଆବଶ୍ୟକ ପୋଷକ ତତ୍ତ୍ୱ ଗ୍ରହଣ କରିବା କଷ୍ଟକର ହୋଇଯାଏ। ଫଳସ୍ୱରୂପ, ହର୍ସସୁ ଲେକ୍‌ର ଉତ୍ତର କୂଳରେ କିଛି 'ଘୋଷ୍ଟ ଫରେଷ୍ଟ' ବା ପ୍ରେତବଣ ଦେଖିବାକୁ ମିଳେ, ଯେଉଁଠାରେ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିବା ଅନେକ ଶୁଖିଲା ଗଛ ରହିଛି।


**ରକ୍ତ ଝରୁଥିବା ହ୍ରଦ:** ଆଣ୍ଟାର୍କଟିକାର ମ୍ୟାକମର୍ଡୋ ଡ୍ରାଏ ଭ୍ୟାଲି ପୃଥିବୀର ସବୁଠାରୁ ଶୁଷ୍କ ମରୁଭୂମି ମଧ୍ୟରେ ଅନ୍ୟତମ। ଏଠାରେ ଅଛି ୫ ମହଲା ଉଚ୍ଚତା ବିଶିଷ୍ଟ ଜଳପ୍ରପାତ 'ଟେଲର ଗ୍ଲେସିୟର'। ବରଫର ଧଳା ଚାଦରରେ ଆଚ୍ଛାଦିତ ଏହି ରହସ୍ୟମୟ ଝରଣାକୁ ଦେଖିଲେ ଲାଗେ ସତେଯେମିତି ବରଫ ଭିତରୁ ନାଲି ରଙ୍ଗର ରକ୍ତ ବହୁଛି। ଯାହା 'ବ୍ଲଡ ଫଲ୍ସ' ଭାବେ ମଧ୍ୟ ପରିଚିତ। ଏହି ବିଚିତ୍ର ଦୃଶ୍ୟକୁ ୧୯୧୧ ମସିହାରେ ଭୂତତ୍ତ୍ୱବିତ୍ ଥୋମାସ ଗ୍ରିଫିଥ ଟେଲର୍ ପ୍ରଥମେ ଆବିଷ୍କାର କରିଥିଲେ। ଏହି ଜଳପ୍ରପାତର ନାଲିରଙ୍ଗ କୌଣସି ରକ୍ତ କିମ୍ବା ଶୈବାଳ ଯୋଗୁ ନୁହେଁ, ବରଂ ଏହା ଏକ ରାସାୟନିକ ପ୍ରତିକ୍ରିୟାର ପରିଣାମ। ଗ୍ଲେସିୟର ତଳେ ଏକ ପ୍ରାଚୀନ ସବ୍-ଗ୍ଲାସିୟାଲ ହ୍ରଦ ରହିଛି, ଯାହା ଲକ୍ଷ ଲକ୍ଷ ବର୍ଷ ପୂର୍ବେ ସମୁଦ୍ରର ଜଳସ୍ତର ବଢ଼ିବା କାରଣରୁ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଯେତେବେଳେ ଗ୍ଲେସିୟର ଆଗକୁ ବଢ଼ିଲା, ସେତେବେଳେ ହ୍ରଦଟି ସମ୍ପୂର୍ଣ୍ଣ ଭାବେ ଅମ୍ଳଜାନ ଏବଂ ସୂର୍ଯ୍ୟକିରଣରୁ ବିଚ୍ଛିନ୍ନ ହୋଇଗଲା। ଗ୍ଲେସିୟରର ପଥରଗୁଡ଼ିକ ଗୁଣ୍ଡ ହେବା ପ୍ରକ୍ରିୟା ଯୋଗୁ ପାଣିରେ ଲୌହଅଂଶ ମିଶିଯାଇଥାଏ। ଯେତେବେଳେ ଏହି ଲୁଣିଆ ପାଣି ଟେଲର୍ ଗ୍ଲେସିୟରର ଏକ ସଂକୀର୍ଣ୍ଣ ଫାଟ ଦେଇ ବାହାରକୁ ଆସି ଥଣ୍ଡା ପବନ ସଂସ୍ପର୍ଶରେ ଆସେ, ସେଥିରେ ଥିବା ଲୁହା ଅକ୍ସିଡାଇଜ ହୋଇଯାଏ। ଏହି ପ୍ରକ୍ରିୟା ଦ୍ୱାରା ଫେରିକ ଅକ୍ସାଇଡ ବା କଳଙ୍କି ସୃଷ୍ଟି ହୁଏ, ଯାହା ଝରଣାର ରଙ୍ଗକୁ ଗାଢ଼ ନାଲି ରଙ୍ଗରେ ପରିଣତ କରିଦିଏ। ଏହା ଦେଖିବାକୁ ଠିକ୍ କୌଣସି ସଦ୍ୟ କ୍ଷତରୁ ବହୁଥିବା ରକ୍ତ ପରି ଲାଗିଥାଏ।


**ମହାକାଶରୁ ଦେଖାଯାଏ କାୱା ଇଜେନ ହ୍ରଦ:** ଇଣ୍ଡୋନେସିଆର ପୂର୍ବ ଜାଭାର ମଧ୍ୟଭାଗରେ 'ପୃଥିବୀର ସବୁଠାରୁ ବଡ଼ ଏସିଡ ଗର୍ତ୍ତ' ଭାବେ ପରିଚିତ କାୱା ଇଜେନ ଗହ୍ୱର ହ୍ରଦ ଅଛି। ମନୋମୁଗ୍ଧକର ଫିରୋଜା ନୀଳ ବା ଟରକୋଇଜ୍ ବ୍ଲୁ ରଙ୍ଗର ଜଳ ପାଇଁ ଜଣାଶୁଣା ଏହି ହ୍ରଦ ଦୁନିଆର ସବୁଠାରୁ ବଡ଼ ଅମ୍ଳୀୟ ହ୍ରଦ। ଏହି ହ୍ରଦରେ ସଲଫ୍ୟୁରିକ ଏବଂ ହାଇଡ୍ରୋକ୍ଲୋରିକ ଅମ୍ଳ ସହିତ ପ୍ରଚୁର ପରିମାଣରେ ଦ୍ରବୀଭୂତ ଖଣିଜ ପଦାର୍ଥ ମଧ୍ୟ ମିଳିଥାଏ। କାୱା ଇଜେନ ଗହ୍ୱର ହ୍ରଦର ଜଳର pH ମୂଲ୍ୟ ୦.୫ ପରି କମ୍ ରହିଥାଏ, ଯାହା କାର୍ ବ୍ୟାଟେରିରେ ବ୍ୟବହୃତ ହେଉଥିବା ଏସିଡର ସାନ୍ଦ୍ରତା ସହିତ ସମାନ। ତେବେ ହ୍ରଦର ଏହି ଅସାଧାରଣ ଉଚ୍ଚ ଅମ୍ଳତା ହିଁ ଏହାର ଏକମାତ୍ର ଭୟଙ୍କର ବିଶେଷତ୍ୱ ନୁହେଁ। ଏହା ଗରମ, ଜ୍ୱଳନଶୀଳ ଗନ୍ଧକ ଗ୍ୟାସ ମଧ୍ୟ ନିର୍ଗତ କରିଥାଏ, ଯାହା ପୃଥିବୀର ଅମ୍ଳଜାନଯୁକ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ମାତ୍ରେ ଜଳିଉଠେ। ଏହି ଗ୍ୟାସଗୁଡ଼ିକ ଏକ ରହସ୍ୟମୟ ଔଜ୍ଜ୍ୱଲ୍ୟମାନ ନୀଳ ଶିଖା ସହିତ ଜଳନ୍ତି, ଯାହା ଏକ ମନୋମୁଗ୍ଧକର ରାତ୍ରି ଦୃଶ୍ୟ ସୃଷ୍ଟି କରେ ଏବଂ ହ୍ରଦର ରହସ୍ୟକୁ ଆହୁରି ବଢ଼ାଇ ଦିଏ। ପୃଥିବୀ ପୃଷ୍ଠର ଅପ୍ଟିକାଲ ଛବି ପ୍ରଦାନ କରୁଥିବା 'କୋପରନିକସ ସେଣ୍ଟିନେଲ-୨' ମିଶନ ଏହି ଅଦ୍ୱିତୀୟ ପ୍ରାକୃତିକ ଘଟଣାର ଚମତ୍କାର ଚିତ୍ରଗୁଡ଼ିକୁ କଏଦ କରିଛି।

ପ୍ରକୃତିର ଗର୍ଭରେ ଏମିତି ଆହୁରି ଅନେକ ନଦୀ ଓ ହ୍ରଦ ଅଛି ଯାହାକି ଯେତିକି ବିସ୍ମୟକର ସେତିକି ବିପଜ୍ଜନକ ମଧ୍ୟ।

-ଶିବାନୀ ମହାନ୍ତି


କାୱା ଇଜେନ


ହର୍ସସୁ ଲେକ


ଡାନାକିଲ ଡିପ୍ରେସନର ଏସିଡିକ ହ୍ରଦ



# କାଠ ଚୁଲି

**– କାନନବାଳା ନାୟକ**

ସୁମିତ୍ ଅଫିସରୁ ଫେରିଲା ବେଳକୁ ଘର ଭିତରୁ ଉଚ୍ଚ ସ୍ୱରରେ ଯୁକ୍ତିତର୍କ ଶୁଣାଯାଉଥିଲା । ଭିତରକୁ ଯାଇ ଦେଖିଲା, ସ୍ତ୍ରୀ ନୈନା ଏବଂ ବୋଉ ଶାନ୍ତି ଦେବୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ତୁ ତୁ ମେଁ ମେଁ ଚାଲିଛି । ସୁମିତ୍‌କୁ ଦେଖି ନୈନା ବିରକ୍ତ ହୋଇ କହିଲା, ‘‘ଶୁଣ ତୁମ ବୋଉଙ୍କ କଥା ! ସେ କେମିତି ମୋତେ କାଠ ଚୁଲିରେ ରୋଷେଇ କରିବାକୁ କହୁଛନ୍ତି ! ସେ କ’ଣ ଜାଣିନାହାନ୍ତି କି ମୁଁ ସହରରେ ବଢ଼ିଛି, କେବେ କାଠ ଚୁଲି ଦେଖିନି କି ସେଥିରେ ରୋଷେଇ କରିନି । ଗ୍ୟାସ ଚୁଲା ଥାଉ ଥାଉ କାଠ ଚୁଲିରେ ରୋଷେଇ କରି ଅନାବଶ୍ୟକ କଷ୍ଟ କାହିଁକି ସହିବି ?’’ ସୁମିତ୍ ବୋଉଙ୍କ ଆଡ଼କୁ ଚାହିଁ ଧୀର ସ୍ୱରରେ କହିଲା, ‘‘ବୋଉ, ତୁମେ ତ ଭଲ ଭାବରେ ଜାଣ ନୈନା କେବେ କାଠ ଚୁଲିରେ ରୋଷେଇ କରିନି, ତୁମେ ତାକୁ କାହିଁକି ବାଧ୍ୟ କରୁଛ ?’’

ଶାନ୍ତି ଦେବୀ ଶାନ୍ତ ଭାବରେ କହିଲେ, ‘‘ମୁଁ କାହାକୁ କଷ୍ଟ ଦେବାକୁ ଚାହୁଁନିରେ ପୁଅ । ସମଗ୍ର ବିଶ୍ୱ ଏବେ ଯୁଦ୍ଧର ପ୍ରକୋପରେ ପୀଡ଼ିତ । ଗ୍ୟାସ ମିଳୁନି । ପଡ଼ୋଶୀ ଦାମ ଭାଇଙ୍କ ଘରେ ଗ୍ୟାସ ସରିଗଲା ଯେ ତିନିଦିନ ହେଲା ଦୌଡ଼ିଲେଣି ହେଲେ ଗ୍ୟାସ ମିଳୁନି । ସେଦିନ ମୋତେ ଏକ୍ସଟ୍ରା ସିଲିଣ୍ଡର ଅଛି କି ନାହିଁ ପଚାରୁଥିଲେ । ମୁଁ ନାହିଁ କଲା ପରେ ଆଖ ପାଖର ଲୋକଙ୍କୁ ପଚାରିଲେ । ସମସ୍ତେ ମନା କରିଦେଲେ । ଏବେ ଯେଉଁ ପରିସ୍ଥିତି ମଣିଷ ଆଗ ନିଜ କଥା ଚିନ୍ତା କରିବ । ଇଣ୍ଡକ୍ସନ୍ ଚୁଲାରେ ରୋଷେଇ କରୁଥିଲେ ଯେ ପାୱାର କଟିଗଲା । କି ଦହଗଞ୍ଜ ହେଉଛନ୍ତି କହନା ? ଯଦି ଆଉ କିଛି ଦିନ ପାଇଁ ଗ୍ୟାସ ନ ମିଳିବ ତେବେ ଆମ ଟାଙ୍କି ମଧ୍ୟ ସରିଯିବ । ଏବେ ଠାରୁ ବୋହୂ ନ ଶିଖିଲେ ସେତେବେଳକୁ କେତେ ହଇରାଣ ହେବା କହିଲୁ । ଆମେ ଭୋକ ଉପାସରେ ରହିବା ? ଜୀବନ ସବୁବେଳେ ସୁବିଧାରେ ଚାଲେନି, ବେଳେବେଳେ ଅସୁବିଧା ସହ ଲଢ଼ିବାକୁ ବି ପ୍ରସ୍ତୁତ ରହିବାକୁ ପଡ଼େ ।’’ ତେଣୁ ମୁଁ ତୋ ସ୍ତ୍ରୀକୁ କାଠ ଚୁଲିରେ ରୋଷେଇ କରିବାକୁ କହୁଛି ।

ନୈନା କିଛି ସମୟ ଚୁପ ରହିଲା । ଶାନ୍ତି ଦେବୀଙ୍କ କଥାରେ ଲୁଚି ରହିଥିବା ଗଭୀର ସତ୍ୟତାକୁ ଉପଲବ୍ଧି କଲା । ଶାନ୍ତି ଦେବୀ ସ୍ନେହରେ ନୈନାର ହାତ ଧରି ରୋଷେଇ ଘର ପଛପଟ ପିଣ୍ଡାକୁ ନେଇଗଲେ । ସେଠାରେ ଗୋଟିଏ ଛୋଟ ମାଟି ଚୁଲି ଲିପାପୋଛା ହୋଇ ରହିଥିଲା । ଶାନ୍ତି ଦେବୀ ନୈନାକୁ ଚୁଲିଟି ଦେଖାଇ କହିଲେ, ‘‘ଏଇଟା କେବଳ ମାଟିର ଚୁଲି ନୁହେଁ ମା’, ଏହା ଆମ ପୁରୁଣା ଦିନର ରୋଷେଇ କରିବାର ମୁଖ୍ୟ ଆଧାର । ସେତେବେଳେ ଆମ ପାଖରେ ଗ୍ୟାସ, ଇଣ୍ଡକ୍ସନ୍ କ’ଣ ଜାଣି ନ ଥିଲୁ କି ଆମ ପାଖରେ ଏତେ ଅର୍ଥ ନ ଥିଲା ତେଣୁ ଏଇ ଚୁଲି ହିଁ ମୋର ସାହା ଭରସା ଥିଲା । ଏହି ଚୁଲିର ନିଆଁରେ ହିଁ ମୁଁ ସୁମିତ୍‌କୁ ମଣିଷ କରିଛି ।’’

ଶାନ୍ତି ଦେବୀଙ୍କ ନିର୍ଦ୍ଦେଶରେ ନୈନା ଚୁଲି ଜଳାଇବାକୁ ଚେଷ୍ଟା କଲା । କାଠରୁ ବାହାରୁଥିବା ଧୂଆଁରେ ଆଖିରୁ ଲୁହ ଝରି ପଡ଼ୁଥିଲା, ତଥାପି ମନରେ ସନ୍ତୋଷ ଥିଲା । କିଛି ସମୟ ପରେ ଚୁଲି ଜଳିଲା । ସେହି ଚୁଲିରେ ନୈନା ପ୍ରଥମ ଥର ପାଇଁ ଭାତ ରାନ୍ଧିବା ଶିଖିଲା । ଚୁଲି ନିଆଁର ସେହି ରକ୍ତିମ ଆଭା ନୈନାର ମୁହଁକୁ ଏକ ନୂଆ ଚମକ ଦେଉଥିଲା ।

ରାତିରେ ଖାଇବା ଟେବୁଲରେ ନୈନା କହିଲା, ‘‘ବୋଉ, ଆଜି ମୁଁ ବୁଝିଲି ଆପଣ ମୋତେ କଷ୍ଟ ଦେବାକୁ ନୁହେଁ, ବରଂ ଜୀବନର ଏକ ବଡ଼ ପାଠ ପଢ଼ାଇବାକୁ ଚାହୁଁଥିଲେ । ସୁବିଧା ସୁଯୋଗ ଆମକୁ ଆରାମ ଦିଏ ସତ, କିନ୍ତୁ ଅଭିଜ୍ଞତା ହିଁ ଆମକୁ ଶକ୍ତିଶାଳୀ କରେ ।’’ ଶାନ୍ତି ଦେବୀ ହସିଦେଇ କହିଲେ, ‘‘ଜୀବନର ଚୁଲି ଜଳିଥାଏ ଅଭିଜ୍ଞତାର କାଠରେ । ସେ କାଠ ନ ଥିଲେ ଜୀବନର ଭାତ ରନ୍ଧା ହୁଏନାହିଁ ।’’

*– ଅତିରିକ୍ତ କମିଶନର, ଦ୍ରବ୍ୟ ଓ ସେବାକର,*
*ପୁରୀ ଚକଳା, ପୁରୀ*
*ମୋ: ୯୪୩୮୧୪୬୨୦୦*

# ପାଞ୍ଚଟି ଏକପଦୀ

**– ଡ. ଭରତ ଚନ୍ଦ୍ର ଦାଶ**

ମୋ ପ୍ରୀତି ପସରା ଦଧି– ଦୁଗ୍ଧ –ଭରା
ପୀୟୂଷର ଝର ଝରେ
ନୁହେଁ ଲବଣାକ୍ତ କରେ ମଧୁସିକ୍ତ
ସ୍ନିଗଧ ମଧୁର କରେ ।

**ଦୁଇ**

ପ୍ରଣୟୀ ପୁରୁଷ ପ୍ରକୃତିର ପ୍ରେମେ
ସୃଷ୍ଟିର ସଉଧ ଗଢେ
ପ୍ରକୃତି ଯାଚନା କରେ ଆନମନା
ପ୍ରଣୟ–ପାଦପ ବଢେ ।

**ତିନି**

ଅରପିଛି ହୃଦ ପ୍ରୀତିରେ ଦରଦ
ଦେହ–ମନ–ପ୍ରାଣ ତୋତେ
ଏ ଜୀବନେ ତୁମେ ହୃଦୟେଶ୍ୱରୀ ମୋ
ଲେଖିଛି ପ୍ରଣୟ ଗୀତେ ।

**ଚାରି**

ମୁଁ ତୁମର ପ୍ରେମେ ଜଳୁଛି ମରମେ
ପରଖି ପାରୁନ ସଖି
ମୁଁ ଦେଖିଛି ତୁମ ନୟନର ଭ୍ରମ
ପ୍ରଣୟ ପିଛଳା ଆଖି ।

**ପାଞ୍ଚ**

ମୋ ହୃଦୟ ଭାଷା ପ୍ରୀତି ପରିଭାଷା
ତୁମେ ତ ଦେଇଛ ସଖି
ପ୍ରଜ୍ଞାଦୀପ୍ତ ତୁମ ଆପଣାର ଭାବ
ଆଖିରେ ରହିଛି ଲାଖି ।


*– ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା*
*ବାଲେଶ୍ୱର – ୭୫୬୧୨୬*
*ମୋ: ୮୯୮୪୪୩୯୧୬୬*

# ମନେପଡ଼େ

**–ସୁନୀତା ନାୟକ**

ଏବେ ତୁମେ ଭାରି ମନେପଡ଼
ନିଛାଟିଆ ଖରାବେଳେ
ଆଉ ନିଶବ୍ଦ ରାତିରେ
ତୁମ ନିଶ୍ୱାସର ଛୁଆଁ
ମଳୟର ସ୍ପର୍ଶ ଦେଇଯାଏ
ମେଘମାଳା ଚିରି ଚାନ୍ଦ ଚାହେଁ ଯେବେ
ମୁଁ ତୁମ ଚାହାଣୀ ସ୍ମୃତିରେ
ଲାଜେଇ ଯାଏ
କୁହୁଡ଼ିର ଆଲିଙ୍ଗନ ଦେଇଯାଏ
ତୁମ ବନ୍ଧନର ଶିହରଣ
ତୁମ ପ୍ରଣୟ କବିତା ଗାଏ
କୋଇଲିର କୁହୁତାନ
ତୁମେ ଫେରିବାର କଥା କହୁଥାଏ
କୁଟା, କାଠି ପକ୍ଷୀର ସେ ନୀଡ଼
ଆଜି କାଲି ତୁମେ ଭାରି ମନେପଡ଼ ।

*– ଭୁବନେଶ୍ୱର, ମୋ: ୯୮୬୧୮୦୧୩୯୬*




କ୍ରିତି

# ମହେଶଙ୍କ ପ୍ରଶଂସାରେ କ୍ରିତି

କ୍ରିତି ସାନନ ଏବେ ମହେଶ ବାବୁଙ୍କ ପ୍ରଶଂସାରେ ଶତମୁଖ। କଥା କ'ଣ କି ମହେଶ ଅଭିନୟ କରୁଥିବା ଏକ ଫିଲ୍ମରେ ତାଙ୍କୁ ଛୋଟ ଭୂମିକାଟିଏ ମିଳିଛି। ବାସ୍, ଏହି ସମୟରେ ସେ ତାଙ୍କର ପୁରୁଣା କଥା ମନେ ପଡ଼ିଯାଉଛି। କ୍ରିତି ପ୍ରଥମେ ବଲିଉଡ୍‌ରେ ୨୦୧୪ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଥିଲା 'ହିରୋପନ୍ତୀ'। ହେଲେ ଏହାପୂର୍ବରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇସାରିଥିଲା। ସେ ପ୍ରଥମେ ଏକ ତେଲୁଗୁ ଫିଲ୍ମ '୧: ନିନୋକ୍କାଡିନି'ରେ ଆକ୍ଟିଂ କରିଥିଲେ। ଖାସ୍ କଥା ହେଲା, ଏହି ଫିଲ୍ମର ନାୟକ ଥିଲେ ମହେଶ ବାବୁ। ଏ ବିଷୟରେ କ୍ରିତି କହନ୍ତି, ''ମହେଶ ବାବୁଙ୍କ ପରି ଲୋକପ୍ରିୟ ଅଭିନେତାଙ୍କ ସହ ମୁଁ ଯେ ପ୍ରଥମ ଥର କ୍ୟାମେରା ସାମନା କରିବି ତାହା କେବେ ଭାବି ନ ଥିଲି। ଏହି ଫିଲ୍ମର ଶୁଟିଂ ସମୟରେ ମହେଶ ବାବୁ ମୋତେ ଆକ୍ଟିଂ ବିଷୟରେ କିଛି ଟିପ୍ସ ଦେଇଥିଲେ, ଯାହାକି ମୋ କ୍ୟାରିୟର ପାଇଁ ବେଶ୍ ସହାୟକ ହୋଇଛି। ଏବେ ଆଉଥରେ ଏକ ସିନେମାରେ ତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳିଛି। ତେଣୁ ବହୁତ ଖୁସି ଲାଗୁଛି।'' କ୍ରିତିଙ୍କ ଅଭିନୀତ 'କକ୍‌ଟେଲ ୨'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

# କପି ରାଇଟରରୁ ଅଭିନେତା

ପ୍ରଥମେ ସେ ଏକ ବିଜ୍ଞାପନ ସଂସ୍ଥାରେ କାମ କରୁଥିଲେ। ଏଥିରେ ତାଙ୍କୁ କପି ରାଇଟର ଦାୟିତ୍ୱ ମିଳିଥିଲା। ପରେ ସେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲେ। ଆଉ ତାଙ୍କର ପ୍ରଥମ ସିନେମା ଥିଲା 'ବ୍ୟାଣ୍ଡ ବାଜା ବାରାତ'। ଏହି ଅଭିନେତା ଜଣକ ହେଉଛନ୍ତି ରଣବୀର ସିଂ। ରଣବୀର ଏହି ଫିଲ୍ମ ପାଇଁ ତିନୋଟି ଅଫର ମଧ୍ୟ ହାତଛଡା କରିଥିଲେ। ଏହା ପଛର କାରଣ ସମ୍ପର୍କରେ ରଣବୀର କହନ୍ତି, ''ପ୍ରଥମ ବଲିଉଡ୍ ଅଫର ଉପରେ ମୁଁ ଶତ ପ୍ରତିଶତ ଫୋକସ କରିବାକୁ ଚାହୁଁଥିଲି। ତେଣୁ ସେତେବେଳେ ମିଳିଥିବା ଅନ୍ୟ ତିନୋଟି ଭଲ ଭଲ ଅଫରକୁ ମୁଁ ପ୍ରତ୍ୟାଖ୍ୟାନ କରିଥିଲି। ଶେଷରେ ମୋ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମୋତେ ମିଳିଥିଲା। ମୋର ଡେବ୍ୟୁ ଫିଲ୍ମ ଲାଗି ମୋତେ ଶ୍ରେଷ୍ଠ ନବାଗତ ଭାବରେ ଫିଲ୍ମ ଫେୟାର ପୁରସ୍କାର ପ୍ରଦାନ କରାଯାଇଥିଲା।''ଗତବର୍ଷ ଡିସେମ୍ବରରେ ରିଲିଜ ହୋଇଥିବା ତାଙ୍କ ଅଭିନୀତ 'ଧୂରନ୍ଧର' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଚଳିତ ମାସ ୧୯ରେ ଧୂରନ୍ଧର: ଦ ରିଭେଞ୍ଜ' ରିଲିଜ ହୋଇଛି। ଏହି ଫିଲ୍ମଟି ମଧ୍ୟ ଦର୍ଶକଙ୍କୁ ନିଶ୍ଚୟ ପସନ୍ଦ ଆସିବ ବୋଲି ସେ କହିଛନ୍ତି।


ରଣବୀର ସିଂ


'ଦୁର୍ଗା' ଫିଲ୍ମରେ (ବାମରୁ) ଅଭିଷେକ, ପୁନମ, ରାଜ ରାଜେଶ

# ଇଚ୍ଛା ଥିଲା ହେବେ ଷ୍ଟଣ୍ଟ ଓମେନ

ମୃଣାଳ ଠାକୁର ଗୋଟିଏ କଥାକୁ ପ୍ରାୟ ସବୁବେଳେ ମନେ ରଖିଥାଆନ୍ତି। ବିଶେଷଭାବରେ ବାହାରକୁ ବୁଲିବାକୁ ଯିବା ସମୟରେ ସେ ଏହାକୁ ଅଧିକ ଗୁରୁତ୍ୱ ଦିଅନ୍ତି। ତାହା କ'ଣ ଜାଣନ୍ତି ? ଯେତେବେଳେ ମୃଣାଳ ବୁଲିବାକୁ ହେଉ ଅବା ଶୁଟିଂ ପାଇଁ ଯାଆନ୍ତି ସେତେବେଳେ ସାଙ୍ଗରେ ଗୋଟିଏ ଜିନିଷ ନେଇଥାଆନ୍ତି। ତାହା କୌଣସି ଖାଦ୍ୟପଦାର୍ଥ ନୁହେଁ, ସେହି ଜିନିଷଟି ହେଲା କ୍ୟାମେରା। କଥା କ'ଣ କି ଫଟୋଗ୍ରାଫି ପ୍ରତି ତାଙ୍କର ପିଲାଦିନରୁ ଦୁର୍ବଳତା ରହିଛି। ବିଶେଷଭାବରେ ପାଠ ପଢ଼ିବା ସମୟରୁ ସେ ବିଭିନ୍ନ ପ୍ରାକୃତିକ ଦୃଶ୍ୟରାଜି ହେଉ ଅବା ମନଲାଖି ଜିନିଷକୁ ନିଜ କ୍ୟାମେରାରେ ଆବଦ୍ଧ କରି ରଖିବାକୁ ଭୁଲନ୍ତି ନାହିଁ। ଏବେ ମଧ୍ୟ ତାଙ୍କର ଏହି ନିଶା ରହିଛି। ପାଠ ପଢ଼ିବା ବେଳେ ତାଙ୍କର ସବୁଠାରୁ ପ୍ରିୟ ବିଷୟ ଥିଲା ବିଜ୍ଞାନ। କିନ୍ତୁ ଗୋଟିଏ କଥା ଜାଣନ୍ତି ? ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ଆଉ ଏକ ଇଚ୍ଛା ଥିଲା। ସେତେବେଳେ ସେ ଜଣେ ଷ୍ଟଣ୍ଟ ଓମେନ୍ ହେବାକୁ ଲକ୍ଷ୍ୟ ରଖିଥିଲେ ଯାହା ପୂରଣ ହୋଇପାରି ନ ଥିଲା। ଗତକିଛି ବର୍ଷରେ ତାଙ୍କ ଅଭିନୀତ କେତୋଟି ହିନ୍ଦୀ ସିନେମା ରିଲିଜ ହୋଇଛି। ହେଲେ ସେଗୁଡିକ ବକ୍ସ ଅଫିସରେ ଆଶାନୁରୂପ ବିଜନେସ କରି ନାହିଁ।


ମୃଣାଳ

# କୀର୍ତ୍ତିଙ୍କ ଖୁସି ରହସ୍ୟ

କୀର୍ତ୍ତି ସୁରେଶଙ୍କ ଖୁସି ଏବେ କହିଲେ ନସରେ। କାରଣ କ'ଣ ଜାଣନ୍ତି ? ସେ ଯାହା ଚାହୁଁଥିଲେ ତାହା ପୂରଣ ହୋଇଛି। କଥା କ'ଣ କି ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ରଫ୍‌ତାର' ରିଲିଜ ଅପେକ୍ଷାରେ ରହିଛି। ଏବେ ଫାଇନାଲ ତାରିଖ ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ତା'ସହ କୀର୍ତ୍ତିଙ୍କର ଅନୁମାନ ସତରେ ପରିଣତ ହୋଇଛି। ଉକ୍ତ ସିନେମା ଚଳିତ ମାସ ୨୪ ତାରିଖରେ ପରଦା ଉପରକୁ ଆସୁଛି। ଏ ବିଷୟରେ କୀର୍ତ୍ତି କହନ୍ତି, ''ଯାହାହେଉ ମୁଁ ଯାହା ଭାବୁଥିଲି ତାହା ସତରେ ପରିଣତ ହୋଇଛି। ଏହି ଫିଲ୍ମର କାହାଣୀ ଯେଉଁଭଳି ଉପସ୍ଥାପନା କରାଯାଇଛି ତାହା ଦର୍ଶକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ। ମୁଁ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେଇଛି।'' ଏହି ଫିଲ୍ମରେ ତାଙ୍କ ସହ ନାୟକ ଭୂମିକାରେ ଅଭିନୟ କରିଛନ୍ତି ରାଜକୁମାର ରାଓ। ଏହାବ୍ୟତୀତ ଅନୁରାଗ ଠାକୁର, ରୋହନ ବର୍ମା ଏବଂ ରଜତ କପୁର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରଯୋଜନା ପତ୍ରଲେଖା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଆଦିତ୍ୟ ନିମ୍ବଲକର। ଦେଖାଯାଉ, ଫିଲ୍ମଟି ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି !


କୀର୍ତ୍ତି

# ଜୀ-ସାର୍ଥକରେ 'ଦୁର୍ଗା'

ଓଡ଼ିଶାର ଘରେ ଘରେ ପରିଚିତ ତଥା ଅନ୍ୟତମ ଦର୍ଶକାଦୃତ ମନୋରଞ୍ଜନ ଚ୍ୟାନେଲ 'ଜୀ-ସାର୍ଥକ' ଦର୍ଶକଙ୍କୁ ସବୁବେଳେ ଭିନ୍ନ ଧରଣର ମନୋରଞ୍ଜନ ଯୋଗାଇ ଆସିଛି। ଏହି ଚ୍ୟାନେଲରେ ଚଳିତ ମାସ ୨୨ ତାରିଖ (ରବିବାର) ଦିନ ପ୍ରସାରିତ ହେବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗା'। ଖାସ୍ କଥା ହେଲା ବଳିଷ୍ଠ ସାମାଜିକ କାହାଣୀ ତଥା କୋର୍ଟରୁମ ଡ୍ରାମା ଉପରେ ଆଧାରିତ ଏହି ସିନେମାର ମହା ଡବଲ ପ୍ରିମିୟର୍ ହେବାକୁ ଯାଉଛି ଆଜି ଅପରାହ୍ଣ ୨ଟାରେ ଏବଂ ପୁଣିଥରେ ସନ୍ଧ୍ୟା ୬:୩୦ରେ। 'ଦୁର୍ଗା' ହେଉଛି ଏକ ଗାଉଁଲି ଝିଅର ସଂଘର୍ଷମୟ ଜୀବନ କାହାଣୀ। ସେ ଏକ ପରସ୍ଥିତିରେ ପଡ଼ି ସହରର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ବିବାହ କରିଛି । ହେଲେ ବିବାହ ପରେ ତା' ଜୀବନରେ ହଠାତ୍ ଘୋଟି ଆସେ କଳା ବାଦଲ। ନିଜ ସନ୍ତାନକୁ ହତ୍ୟା କରିବାର ମିଥ୍ୟା ଆରୋପରେ ସେ ଆଜୀବନ କାରାଦଣ୍ଡ ଭୋଗେ। ବାସ୍, ତା'ପରେ ଆରମ୍ଭ ହୁଏ ନ୍ୟାୟ ପାଇଁ ଲଢ଼େଇ। ଏହାର ଶେଷ ପରିଣତି କ'ଣ ହୋଇଛି ତାହା ଫିଲ୍ମଟିକୁ ଶେଷ ପର୍ଯ୍ୟନ୍ତ ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମର ଟାଇଟଲ ଭୂମିକାରେ ପୁନମ ମିଶ୍ର ଅଭିନୟ କରଛନ୍ତି। ଅନ୍ୟପକ୍ଷରେ ନେଗେଟିଭ ଚରିତ୍ର 'ରାଣା' ଭୂମିକାରେ ରାଜ ରାଜେଶ, ସଙ୍ଗୀତଜ୍ଞ 'ଶଙ୍କର' ଭୂମିକାରେ ଅଭିଷେକ ଗିରି ଏବଂ ଦୁର୍ଗାକୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଥିବା ସାହସୀ ଓକିଲ 'ଅର୍ଚ୍ଚନା' ଭୂମିକାରେ ପ୍ରସିଦ୍ଧ ଅଭିନେତ୍ରୀ ଇଶା ତଲୱାରଙ୍କୁ ଦେଖିବାକୁ ମିଳିବ। ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତାପସ ସରଘରିଆ।

# ଅପେକ୍ଷା ଟାଇଟଲକୁ

ଗୁଇନ୍ଦାଗିରି ଉପରେ ଆଧାରିତ ଏକ ବିଷୟକୁ ନେଇ ପ୍ରସ୍ତୁତ ହେଉଛି ଏକ ହିନ୍ଦୀ ସିନେମା। ହେଲେ ଏହାର ଟାଇଟଲ ଫାଇନାଲ ହୋଇନାହିଁ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଆୟୁଷ୍ମାନ ଖୁରାନା ଏବଂ ସାରା ଅଲ୍ଲୀ ଖାନ୍। ନିକଟରେ ଏହାର ଏକ ଗୀତ- ଜୟହିନ୍ଦ'ର ଶୁଟିଂ ମୁମ୍ବାଇରେ କରାଯାଇଥିଲା। ଦେଶାତ୍ମବୋଧକ ଏହି ଗୀତରେ ପାଖାପାଖି ୭୦୦ ଡ୍ୟାନ୍ସର ଅଂଶଗ୍ରହଣ କରିଥିଲେ। ଏବେ ସେହି ସମୟର ଅନୁଭୂତିକୁ ବଖାଣି ବୁଲୁଛନ୍ତି ସାରା। ଏ ନେଇ ସେ କହନ୍ତି, ''ଏବେ ମୁଁ ଏକ ଅନଟାଇଟଲଡ୍ ହିନ୍ଦୀ ସିନେମାରେ ଅଭିନୟ କରୁଛି। ନିକଟରେ ଏହାର ଏକ ଲମ୍ବା ଗୀତର ଶୁଟିଂ ମୁମ୍ବାଇରେ କରାଯାଇଥିଲା। ଶୁଟିଂ ସମୟରେ ମୋର କେତୋଟି ଷ୍ଟେପ୍ ଏପଟସେପଟ ହୋଇଥିଲା। କିଛି ସମୟ ସେହି ଷ୍ଟେପ୍‌ଗୁଡିକୁ ପ୍ରାକ୍ଟିସ କରିଥିଲି। ପ୍ରାକ୍ଟିସ୍ ବେଳେ ମୋତେ ଆୟୁଷ୍ମାନ ବି ସାହାଯ୍ୟ କରିଥିଲେ। ଏହି ଫିଲ୍ମର ଟାଇଟଲ ଏ ପର୍ଯ୍ୟନ୍ତ ଫାଇନାଲ ହୋଇନାହିଁ। ପ୍ରଯୋଜନା ସଂସ୍ଥା ଏ ନେଇ ଆଗାମୀ ଦୁଇ ସପ୍ତାହ ଭିତରେ ଘୋଷଣା କରିବ ବୋଲି ଜଣାପଡିଛି।'' ରହସ୍ୟ-ରୋମାଞ୍ଚ ଭରା ଏହି ଫିଲ୍ମରେ କମେଡି ମଧ୍ୟ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ନବାଗତ ଆକାଶ କୌଶିକ।


ସାରା

**ପ୍ରଥମ ରୋଜଗାର**

# ରୋଜଗାରର ପହିଲି ପୁଲକ ପାଇଥିଲି ବାପାଙ୍କ ଖୁସିରୁ

**ସାହିତ୍ୟିକ ନଳିନୀକାନ୍ତ ନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...**



ଦୀର୍ଘ ବର୍ଷର ବ୍ୟବଧାନ ପରେ ଯେତେବେଳେ ନିଜ ପ୍ରଥମ ରୋଜଗାର ବିଷୟରେ କିଛି ଲେଖିବାକୁ ଯାଉଛି, ମୁଁ ବେଶ୍ ଭାବପ୍ରବଣ ହୋଇ ପଡୁଛି। ମୋ ପିଲାଦିନ କଟିଗଲା କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକର ଫକିରାବାଦ ଗାଁରେ। ଆମ ଗାଁ ଚାରିପଟେ ରହିଛି ଅନେକ ଦେବାଦେବୀଙ୍କ ମନ୍ଦିର। ବାପା ବୋଉ ଏବଂ ବଡ଼ ଭାଇଭଉଣୀଙ୍କର ସ୍ନେହ, ତାଗିଦରେ ମୋ ପାଠପଢ଼ା ଆଗେଇ ଚାଲିଥିଲା। ବାପା ଥିଲେ ଆମ ଗାଁରୁ ପଚାଶ କି.ମି ଦୂରରେ ଥିବା ଏକ ସ୍କୁଲରେ ଶିକ୍ଷକ, କେବଳ ଘରକୁ ଆସନ୍ତି ଶନିବାର ଏବଂ ରବିବାର। ବୋଉ କୋଳରେ ହିଁ ଆମେ ବଢ଼ିଛୁ କହିଲେ ଅତ୍ୟୁକ୍ତି ହେବନି। ମୁଁ ଥିଲି ଆମ ଘରର ଛଅ ଭାଇଭଉଣୀଙ୍କ ଭିତରେ ଚତୁର୍ଥ ସନ୍ତାନ। ଗାଁ ସ୍କୁଲରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିସାରିଲା ପରେ ପ୍ରଥମ କରି ରାଜଧାନୀ ଭୁବନେଶ୍ୱରରେ ଏକ ସୁନାମଧନ୍ୟ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ନାମ ଲେଖାଇଲି। ବାପାଙ୍କର ସେତେବେଳେ ଇଚ୍ଛା ଥିଲା ଘରୁ କେହି ରେଭେନ୍ସା କିମ୍ବା ବିଜେବି କଲେଜରେ ପାଠପଢ଼ନ୍ତୁ, ମୁଁ ବିଜେବି କଲେଜରେ ପଢିବାରୁ ସେ ମୋ ଉପରେ ବହୁତ ଖୁସି ଥିଲେ। ରାଉରକେଲାରେ ମୋର ଇଂଜିନିୟରିଂ ପାଠପଢ଼ା। ତା' ପରେ ପରେ ଚାକିରି ପାଇଁ ବିଭିନ୍ନ ଜାଗାରେ ଲିଖିତ ଏବଂ ମୌଖିକ ପରୀକ୍ଷା ଦେଇ ଚାଲିଥିଲି। ବିଶେଷକରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ନାଲ୍‌କୋ, ଏନ୍‌ଟିପିସି ଏବଂ ବିଭିନ୍ନ ରାଷ୍ଟ୍ରାୟ ସଂସ୍ଥାରେ ପରୀକ୍ଷା ଦେବା, ସେ ସମୟର ସଂଘର୍ଷର କଥା ମନେ ପଡ଼ିଗଲେ ଏବେ ବି ଦେହ ଶିତେଇ ଉଠେ। ରାଉରକେଲାର ଜାଡ ଭୁଲି ପାରି ନାହିଁ କି ଭୁଲି ପାରିନାହିଁ ସାଙ୍ଗମାନଙ୍କ ସାହାଯ୍ୟ ସହଯୋଗ। କିଛି ସାଙ୍ଗ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରୀ ମିଳିଗଲା ପରେ ମୋତେ ଗାଁକୁ ନଛାଡି ତାଙ୍କ ପାଖରେ ରଖିଥିଲେ ଏବଂ ଆହୁରି ଅଧିକ ପରିଶ୍ରମ କରିବା ପାଇଁ ମୋତେ ଉତ୍ସାହିତ ବି କରିଥିଲେ। ଶେଷରେ ସେଦିନ ଆସିଲା, ଯେତେବେଳେ ଭାରତୀୟ ରେଳବାଇ ତରଫରୁ ଜୁନିୟର ଇଂଜିନିୟର ପାଇଁ କୃତକାର୍ଯ୍ୟ ହେବାର ଚିଠି ଆସିଲା ଏବଂ କଲିକତାସ୍ଥିତ ଗାର୍ଡେନ ରିଚ ରେଳବାଇର ମୁଖ୍ୟ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଗଲା। ସେ ସମୟରେ ବାପା ମୋତେ ନେଇକି ଯାଇଥିଲେ। ଚାକିରୀ କରିବି, ନିଜର ରୋଜଗାରର ଦରମା ମିଳିବ ସେ ବିଷୟରେ ଖୁସି ଯେତିକି ଥିଲି ତାହାଠାରୁ ମହାର୍ଘ୍ୟ ମୁହୂର୍ତ୍ତ ମୋ ପାଇଁ ସେତେବେଳେ ଆସିଲା ଯେତେବେଳେ ସେ ଅଫିସ୍‌ର ସିକ୍ୟୁରିଟି ଗାର୍ଡ଼ ବାପାଙ୍କୁ କହିଥିଲେ, 'ଆପକା ବେଟା ଅଭି ଅଫିସର୍ ବନ ଗେୟା'। ବାପା ସେତେବେଳେ ବିଶେଷ ହିନ୍ଦୀ ନ ଜାଣିଥିଲେ ବି ତାଙ୍କ ମୁହଁର ଉଜ୍ଜ୍ୱଳତା ଏବଂ ଖୁସି ମୁଁ ବେଶ ଅନୁଭବ କରି ପାରୁଥିଲି। କଲିକତାରୁ ଖଡ଼ଗପୁର ଆମ ପ୍ରଶିକ୍ଷଣ କେନ୍ଦ୍ରରେ ତା'ପର ଦିନ ମୋର ଯୋଗଦାନ। ବାପା ମୋତେ ହଷ୍ଟେଲରେ ଛାଡ଼ି ଗାଁକୁ ଆସିଗଲେ। ୧୯୯୭ ମସିହା ମଇ ମାସରେ ମୋର କର୍ମସଂସ୍ଥାନରେ ଯୋଗଦାନ ଏବଂ ଦରମା ମିଳିବ ବୋଲି ଅପେକ୍ଷା ମାସର ଶେଷ ଦିନକୁ। ସେତେବେଳେ ମୋ ସଂଘର୍ଷର ଶେଷ ସୀମା ଯେପରି ପାର ହୋଇସାରିଥାଏ, ଆଉ ଖୁସି ଥାଇ ବି ଉପରେ ଉପରେ ଜାହିର କରି ପାରୁ ନଥାଏ। ମୋ ରୋଜଗାରର ପହିଲି ପୁଲକ ମୁଁ ପାଇଥିଲି ବାପାଙ୍କ ଖୁସିରୁ, ବାପାଙ୍କ ଚିନ୍ତା ମୁକ୍ତିରୁ। ଯଦିଓ ଆର୍ଥିକ ସ୍ଥିତି ଏତେ ଖରାପ ନଥିଲା କିନ୍ତୁ ପାଠପଢ଼ା ସରିବା ପରେ ବାପାଙ୍କ ଉପରେ ବୋଝ ହେବା ନିଜକୁ ବହୁତ କଷ୍ଟ ଦେଉଥିଲା, ସେ ସମୟ କଥା ମନେ ପଡିଲେ ଏବେ ବି ଦେହ ଶୀତେଇ ଉଠେ। ସେ ଯାହା ହେଉ, ପ୍ରଥମ ଦରମାରୁ ମୁଁ ପ୍ରଥମେ ଆମ ଠାକୁର ନିଗମାନନ୍ଦଙ୍କ ଆଶ୍ରମ ପାଇଁ ପ୍ରଣାମୀ ରୂପେ ରଖିଥିଲି ଆଉ ସେ ବର୍ଷ ରଜରେ ଗାଁକୁ ଛୁଟିରେ ଆସିଲାବେଳେ ଆଣିଥିଲି ବାପାଙ୍କ ପାଇଁ ସାର୍ଟ ଏବଂ ବୋଉ ପାଇଁ ଶାଢ଼ୀ। ଯଦିଓ ବାପା ଖୁସି ନଥିଲେ କହିଥିଲେ ଠାକୁରଙ୍କ ପାଇଁ କ'ଣ ଆଣିଛୁ? ଅଭିମାନ ଖୁବ୍ କରିଥିଲେ। ସମୟକ୍ରମେ ଛଅ ମାସ ଟ୍ରେନିଂ ସରିଛି କି ନାହିଁ ମୋତେ ଏକାଥରକେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ଭାରତୀୟ ଡାକ ବିଭାଗ ତରଫରୁ ଜୁନିୟର ଇଂଜିନିୟର ପାଇଁ ଅଫର୍ ଆସିଲା ଏବଂ ଶେଷରେ ପାର୍ବଣ ଋତୁ ଅକ୍ଟୋବର ମାସରେ ମୁଁ ଯୋଗଦାନ କଲି ଭୁବନେଶ୍ୱରରେ, ପିଏମ୍‌ଜି ଅଫିସରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହିସାବରେ, ଆଉ ମୋତେ ଦରମା ମିଳିଥିଲା ୬ହଜାର ଟଙ୍କା। ୧୯୯୭ ମସିହାରେ ଏହା ମୋ ପାଇଁ ଏକ ବଡ଼ ଆକାରର ଦରମା ଥିଲା। ସେତେବେଳେ ଆମ କେନ୍ଦ୍ରାପଡ଼ାରେ ଲକ୍ଷ୍ମୀପୂଜା ଚାଲିଥାଏ। ସେହି ମାସରେ ଦରମାରୁ ମୁଁ କିଛି ମା'ଙ୍କୁ ସମର୍ପଣ କରି କୃତଜ୍ଞତା ପ୍ରକାଶ କରିଥିଲି।

# ସୁନ୍ଦରୀ ହସରେ ଅନେକ କଥା, ଘଡ଼ିଏ ଖୁସିକୁ ଘଡ଼ିଏ ବ୍ୟଥା

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ତା'ପରଠୁ ମୋ ମନ କୁତୁକୁତୁ ଲାଗୁଛି। ଏପରି ଲାଗୁଛି ଯେ ସତେ ଯେମିତି ମୁଁ ତା' ପ୍ରେମରେ ପଡିଯାଇଛି। ଏବେ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ତପନ ନାୟକ, କଟକ*

**ଉତ୍ତର :** ମନରେ ଯେତେବେଳେ ପ୍ରେମର ଲହଡି ଆସେ ସେତେବେଳେ ତାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। କାରଣ ଏହି ନିଶା ଥରେ ଘାରିଲେ ତାହା ସହଜରେ ତଳ ମୁହାଁ ହୋଇ ନ ଥାଏ। କାରଣ 'ସୁନ୍ଦରୀ ହସରେ ଅନେକ କଥା, ଘଡ଼ିଏ ଖୁସିକୁ ଘଡ଼ିଏ ବ୍ୟଥା'। ତେଣୁ ଏହି ସମୟରେ ବେଶ୍ ସତର୍କତାର ସହ ପାଦ ପକାଇବାକୁ ହୋଇଥାଏ। ନ ହେଲେ ମନ ଆପଣଙ୍କୁ ଏପରି ରାସ୍ତାରେ ନେଇଯାଏ, ଯାହାଠାରୁ ପ୍ରେମ ଅନେକ ଦୂରରେ ରହିଥାଏ। ତେଣୁ ତରବର ନ ହୋଇ ଦେଖିଚାହିଁ ଆଗାନ୍ତୁ। ଯଦି ସେ ସୁନ୍ଦରୀ ପ୍ରେମରେ ବାଇଆ ହୋଇଛନ୍ତି, ତେବେ ତାହାର ଠିକଣା ଜାଣିଛନ୍ତି କି ? ଯଦି ହଁ, ତେବେ ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେ, ଯେମିତି ଏକାଥରେ ସେ କ୍ଲିନ୍ ବୋଲ୍ଡ ହୋଇଯିବ। ଆଉ ତା'ପରେ ଖାଲି ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି ?

**ପ୍ରଶ୍ନ**–ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

*–ତନ୍ମୟ ସାହୁ, ବଲାଙ୍ଗୀର*

**ଉତ୍ତର :** କଥାରେ ଅଛି ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣଙ୍କର ମନ ବୋଧହୁଏ କେଉଁ ସୁନ୍ଦରୀ ତରୁଣୀର ଲାଜୁଆ ହସରେ ବୁଡି ରହିଛି। ହେଲେ ସେହି ହସରେ ଅନେକ କଥା ଲୁଚି ରହିଥାଏ। 'ଲାଜୁଆ ହସ : କେତେବେଳେ ମିଠା ପୁଣି କେତେବେଳେ ବିଷ'। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ମୁଁ କ'ଣ କରିବି ?

*–ମିଲନ କୁମାର, ଢେଙ୍କାନାଳ*

**ଉତ୍ତର :** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଝଟ୍‌କା ଦେଇ ଫୁର୍ କିନା ଉଡିଯିବେ। ତେଣୁ ବେଳ ଥାଉ ଥାଉ ସାବଧାନ ରୁହନ୍ତୁ।

**ପ୍ରଶ୍ନ**–ପ୍ରେମ ନିଶା କେତେ ଗାଢ଼ ମୋତେ କହିବେ କି ସାଥୀ ?

*–ପ୍ରୀତମ, ରାଉରକେଲା*

**ଉତ୍ତର :** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ସୁନିତ ଦାସ, ଯାଜପୁର*

**ଉତ୍ତର :** ଆପଣ କହିଥିବା ମନର କଥାକୁ ବୋଧହୁଏ ସେ ତର୍ଜମା କରୁଛନ୍ତି। କିଛି ଭଲ ହେଉ କି ମନ୍ଦ କଥା ତାହା ଆପଣଙ୍କ ସାମନାରେ ପ୍ରକାଶ କରିବାକୁ ଚାହୁଁଛନ୍ତି। ହେଲେ ବୋଧହୁଏ ତାଙ୍କର ସାହସ ହେଉନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛନ୍ତି, ତେବେ ଏକଥା ତାଙ୍କର ଚାହାଣି, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !


**ସାଥୀ**



# ଶିଶୁ ସାହିତ୍ୟ ଶ୍ରେଷ୍ଠ ସାହିତ୍ୟ



**ଜଣେ ଶିଶୁସାହିତ୍ୟିକ ଭାବେ ମୁଁ ଗର୍ବ ଅନୁଭବ କରେ। ମୋ ମତରେ ଶିଶୁ ସାହିତ୍ୟ ହିଁ ଶ୍ରେଷ୍ଠ ସାହିତ୍ୟ ଓ ଏହାର ସ୍ରଷ୍ଟା ଶ୍ରେଷ୍ଠ ପଦବାଚ୍ୟ..**






**ସେ** ତେବେଳେ ସେ ୮ମ ଶ୍ରେଣୀରେ ପଢୁଥା'ନ୍ତି। ଗାଁକୁ ଆସୁଥିବା ଖବର କାଗଜରେ ପାଖ ଗାଁର ଜଣେ ଶିକ୍ଷକଙ୍କ ଶିଶୁକବିତାଟିଏ ପ୍ରକାଶ ପାଇଥାଏ। କବିତାରେ ଶିକ୍ଷକଙ୍କ ନାଁ ପଢି ସେ ବହୁତ ଖୁସି ହୋଇଯାଇଥିଲେ। ଆଉ ମନେ ମନେ ଭାବିଲେ ମୋର ଯଦି ଏମିତି ଲେଖା ଖବର କାଗଜରେ ପ୍ରକାଶିତ ହୁଅନ୍ତା ମୋତେ ବି ସଭିଏ ଚିହ୍ନନ୍ତେ। ଏଇକଥାଟି ତାଙ୍କ ମନରେ ଘର କରି ରହିଗଲା। କବିତା ଲେଖିବାକୁ ପ୍ରୟାସ କଲେ। ଥରେ ସରସ୍ୱତୀ ପୂଜାରେ ଏକ କବିତା ଲେଖି ସେ ସାର୍‌ଙ୍କୁ ଦେଲେ ଓ ଭୁଲ୍ ଠିକ୍ ସଂଶୋଧନ କରି ଜଣାଇବାକୁ କହିଲେ। ସାର୍‌ଙ୍କୁ କବିତାଟି ବହୁତ ଭଲ ଲାଗିଥିଲା, ଯାହା ତାଙ୍କୁ ଅଧିକରୁ ଅଧିକ ଲେଖିବାକୁ ପ୍ରେରଣା ଦେଲା। ସେବେଠାରୁ ସେ ଲେଖି ଚାଲିଲେ। ଏଯାଏ ତାଙ୍କର ୮ଟି ଶିଶୁକବିତା ସଂକଳନ ସହିତ ପ୍ରାୟ ଶତାଧିକ ଶିଶୁକବିତା, ଶିଶୁଗଳ୍ପ, ପହେଳି, ଏକପଦୀ, ବ୍ୟାକରଣ ଗୀତ, ଆଧୁନିକ କବିତା, ଗୀତିକବିତା ଆଦି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇସାରିଲାଣି। ସେ ହେଲେ ଶିଶୁ ସାହିତ୍ୟିକ **ନୀଳମଣି ଚାନ୍ଦ**। ଜନ୍ମ ୧୯୫୭ ମସିହା ଫେବୃଆରୀ ମାସ ୬ ତାରିଖରେ। ପିତା ପ୍ରାଣବଲ୍ଲଭ ଚାନ୍ଦ ଓ ମାତା ଜାହ୍ନବୀ ଦେବୀ। ଘର କେନ୍ଦୁଝର ଜିଲାର ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ପୁରୁଣିଆଁ ଗ୍ରାମରେ। ସେ କୁହନ୍ତି, 'ଆମେ ପାଞ୍ଚ ଭାଇ ଓ ଚାରି ଭଉଣୀ । ଗାଁରେ କଟିଥିଲା ବାଲ୍ୟକାଳ। ଆଉ ସେଇ ଗ୍ରାମ୍ୟ ଜୀବନ ଓ ପରିବେଶ ହିଁ ମୋ ଉପରେ ଖୁବ୍ ପ୍ରଭାବ ପକେଇଥିଲା। ୧୯୭୩ ମସିହାରେ ମାଟ୍ରିକ ଓ ୧୯୭୯ରେ ରେଭେନ୍ସା ମହାବିଦ୍ୟାଳୟରୁ ଇଂଲିଶରେ ଏମ୍.ଏ. ପାସ୍ କଲି। ଆଉ ୧୯୮୦ରେ କେନ୍ଦୁଝରର ବଉଳା ମହାବିଦ୍ୟାଳୟରେ ଇଂଲିଶ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କଲି। ଏହାପରେ ୧୯୮୫ ମସିହାରେ ପ୍ରୋବେଶନାରି ଅଫିସର ଭାବେ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଯୋଗଦେଲି। ପରେ ଓଡ଼ିଶା, ପଶ୍ଚିମବଙ୍ଗ, ମେଘାଳୟର ବିଭିନ୍ନ ଶାଖା ଓ ଆଞ୍ଚଳିକ କାର୍ଯ୍ୟାଳୟରେ କାର୍ଯ୍ୟ କଲି। ସମୟକ୍ରମେ ୨୦୧୭ ମସିହାରେ ଜଣେ ପଦସ୍ଥ ଅଧିକାରୀ ଭାବେ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଅବସର ନେଇ ଏବେ ଭୁବନେଶ୍ୱରରେ ଅବସ୍ଥାନ କରୁଛି। ଧର୍ମପତ୍ନୀ, ପୁଅ, ବୋହୂ, ନାତି ନାତୁଣୀଙ୍କୁ ନେଇ ମୋର ପରିବାର। ସମସ୍ତେ ମତେ ଲେଖାଲେଖି କରିବାରେ ପ୍ରେରଣା ଦେଇଥାନ୍ତି।'

ଲେଖାଲେଖି ପ୍ରତି କେମିତି ଆଗ୍ରହ ଆସିଲା ସେ ସମ୍ପର୍କରେ ନୀଳମଣି କୁହନ୍ତି, 'ପିଲାଦିନେ ମୁଁ ଖୁବ୍ ଲାଜକୁଳା ସ୍ୱଭାବର ଥିଲି। ବୁଲାବୁଲି ଓ ଖେଳ ପ୍ରତି ଏତେଟା ଆଗ୍ରହ ନ ଥିଲା। ପଢ଼ାପଢ଼ି କରିବା ଓ ଡାକ ଟିକେଟ ସଂଗ୍ରହ ପ୍ରତି ଅଧିକ ରୁଚି ଥିଲା। ତା'ସହ ମା' ଆମକୁ ରାମାୟଣ, ମହାଭାରତ ପଢି ଶୁଣାଉଥିଲେ, ଯାହାକି ମୋ ମନରେ ଗଭିର ପ୍ରଭାବ ପକାଇଥିଲା। ଏହାବାଦ ଗ୍ରାମର ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ଗଙ୍ଗାଧର ବଳଙ୍କର ବି ମୋ ଲେଖାଲେଖି ପଛରେ ରହିଛି ବିଶେଷ ଅବଦାନ। ଆମ ଗାଁରେ ତାଙ୍କର ବହୁତ ଖାତିର ଥାଏ। ଥରେ ଛୁଟିରେ ସେ ଗାଁକୁ ଆସିଥାନ୍ତି। ବାପା ମୋତେ ସାଙ୍ଗରେ ନେଇ ତାଙ୍କ ପାଖକୁ ଗଲେ। ତାଙ୍କ ଲେଖା ଶିଶୁ ଗପବହି ଦେଖିଲି। ଭାରି ଭଲ ଲାଗିଲା। ସେ କହିଲେ ତୁମେ ବି ଚେଷ୍ଟାକଲେ ମୋ ପରି ଲେଖି ପାରିବ। ତାଙ୍କ କଥା ମୋ ମନକୁ ପାଇଥିଲା।' ସେହିପରି ଅଷ୍ଟମ ଶ୍ରେଣୀରେ ପଢୁଥାଏ। ଆମ ଗାଁକୁ ଆସୁଥିବା ଏକ ଦୈନିକ ଖବର କାଗଜରେ ଶିଶୁସାହିତ୍ୟିକ ଡ. ଭଗବାନ ପାଢ଼ୀଙ୍କର 'ଆସିଛି ରଜ' ଶୀର୍ଷକ ଶିଶୁ କବିତାଟି ପ୍ରକାଶ ପାଇଥିଲା। ସେ ଆମ ଗାଁ ପାଖ ଫକୀରପୁର ହାଇସ୍କୁଲର ଶିକ୍ଷକ ଥାଆନ୍ତି। ତାଙ୍କ କବିତାଟି ପଢ଼ି ସମସ୍ତେ ବାଃ ବାଃ କରି ତାଙ୍କୁ ପ୍ରଶଂସା କରୁଥାନ୍ତି । ଏ ଘଟଣାଟି ବି ମୋ ଉପରେ ଗଭୀର ରେଖାପାତ କରିଥିଲା। ମୁଁ ଭାବିଲି ମୋ ଲେଖା ବି ଯଦି ଖବରକାଗଜରେ ବାହାରିବ, ଲୋକ ମୋତେ ଜାଣିବେ। ସେବେଠାରୁ ଶିଶୁକବିତା ଲେଖିଲି। ୧୯୭୦ ମସିହାରେ ମୋର ପ୍ରଥମ ଲେଖା 'ରଜନୀ ବିଗତ ହୋଇଲା'। ୧୯୮୫ରେ ଶିଶୁକବିତା 'କେବେ ସେଦିନ ଆସିବ ଫେରି' ଦୈନିକ ପ୍ରଜାତନ୍ତ୍ରର ମିନାବଜାର ପୃଷ୍ଠାରେ ପ୍ରକାଶ ପାଇଥିଲା। ଲେଖାଲେଖି ଜାରି ରହିଲା। ଏଯାଏ କୁନା ପାଇଁ କୁନି ପାଇଁ, ସଂଖ୍ୟା ଗାଏ ଗୀତ, ଟୁକ୍ ଟୁକ୍ ଟୁକେଇ, ଟପ ଟାପ ଟୁପୁରୁ, କେତେ ଗାଁ କେତେ ନାଁ, କନମାମା ପାଇଁ ଗୀତ, ଶୂନ ପରେ ଏକ, ଆହାନ ଆରବ ପାଇଁ ନାନାବାୟା ଗୀତ ଆଦି ଆଠଟି ଶିଶୁକବିତା ପୁସ୍ତକ ସଂକଳନ ପ୍ରକାଶ ପାଇ ସାରିଛି। ଚାକିରିର ବ୍ୟସ୍ତମୟ ଜୀବନ ଭିତରେ ବି ଲେଖାଲେଖି ବନ୍ଦ କରିନାହିଁ। ୨୦୨୫ ମସିହାରେ ୧୧୩୯ରୁ ଊର୍ଦ୍ଧ୍ୱ ଲେଖା ପ୍ରକାଶିତ ହୋଇଛି। ଜଣେ ଶିଶୁସାହିତ୍ୟିକ ଭାବେ ମୁଁ ଗର୍ବ ଅନୁଭବ କରେ। ମୋ ମତରେ ଶିଶୁ ସାହିତ୍ୟ ହିଁ ଶ୍ରେଷ୍ଠ ସାହିତ୍ୟ ଓ ଏହାର ସ୍ରଷ୍ଟା ଶ୍ରେଷ୍ଠ ପଦବାଚ୍ୟ।'

ନୀଳମଣିଙ୍କ ସୃଜନଶୀଳତା ପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ଯେମିତିକି ପ୍ରଜାତନ୍ତ୍ର ବିଷୁବ ମିନାବଜାର ସମ୍ମାନ, ସଂସାର, ଝୁମୁକା, ଅମୃତଦୁନିଆ, ସରଗଶଶୀ, ଶିଶୁସାହିତ୍ୟ ସଂସଦ, ଏକାମ୍ର ଶିଶୁସାହିତ୍ୟ ସଂସଦ, କସ୍ତୁରୀ ସମ୍ମାନ ଆଦି।

**-ବନବିହାରୀ ବେହେରା**





# ହାଃ ହାଃ

## ବୁଡ଼ିଗଲା

କମ୍ପାନୀର ବସ୍ ନିଜ କର୍ମଚାରୀଙ୍କ ସାମ୍ନାରେ ଏକ ଗ୍ଲାସ୍‌ରେ ଗୋଡିଟିଏ ପକାଇଲେ । ଆଉ ପଚାରିଲେ– ଗୋଡିଟି କାହିଁକି ବୁଡ଼ିଗଲା ?
ସମସ୍ତେ ଗୋଟିଏ ଉତ୍ତର ଦେଲେ– ଗୋଡିଟି ଭାରି ଥିଲା । ତେଣୁ ବୁଡ଼ିଗଲା ।
ଏହାପରେ ବସ୍ ନିଜର ଅତି ପ୍ରିୟ ଚେଲାକୁ ପଚାରିଲେ ।
ସେ କହିଲା– ସାର୍, ମୁଁ ତ ଏତିକି ବୁଝିପାରିଲି ଯେ, ଆପଣ ଯାହା ହାତ ଛାଡିବେ ସେ ନିଶ୍ଚିତଭାବେ ବୁଡ଼ିଯିବ ।

## କ'ଣ ହେଲା

ମଦୁଆଟିଏ ଛାତରୁ ଖସି ପଡିଲା ।
ଲୋକ ଦୌଡ଼ି ଆସି ପଚାରିବାକୁ ଲାଗିଲେ– କ'ଣ ହେଲା ?
ମଦୁଆ ଉଠିପଡ଼ି: ଜାଣିନି ଭାଇ, ମୁଁ ବି ଏଇ ଜଷ୍ଟ ତଳକୁ ଆସିଛି ।

## କାଲି

ଭିକାରୀ:କିଛି ଖାଇବାକୁ ଦିଅ ମା' ?
ମହିଳା: କାଲି ରୁଟି ଖାଇବ ?
ଭିକାରି: ହଁ, ଖାଇବି ।
ମହିଳା: ତା'ହେଲେ କାଲି ଆସିବ ।

## ଜୋକ୍ସ

ବାପା ପ୍ରଥମ ଥର ମୋବାଇଲରେ ହ୍ୱାଟ୍ସଆପ୍ ଇନ୍‌ଷ୍ଟାଲ କଲେ । ଆଉ ପ୍ରଥମ ମେସେଜ ପୁଅକୁ ଦେଲେ– ଭଲ ଜୋକ୍ସ ପଠେଇଲୁ ।
ପୁଅ: ଏବେ ମୁଁ ପାଠପଢୁଛି ।
ବାପା: ହା...ହା..ହା.. ବଢିଆ ଜୋକ୍ । ଆଉ ପଠା ।

## ଗାୟବ

ସ୍ୱାମୀ ସ୍ତ୍ରୀକୁ: ୪ ଘଣ୍ଟା ହେଲା କୁଆଡେ ଗାୟବ ହେଇଯାଇଥିଲ ?
ସ୍ତ୍ରୀ: ମଲ୍‌କୁ ଯାଇଥିଲି ।
ସ୍ୱାମୀ: କ'ଣ ଆଣିଲ ?
ସ୍ତ୍ରୀ: ଗୋଟେ ହେୟାର୍ କ୍ଲିପ ଓ ୪୫ଟି ସେଲ୍ଫି ।



# ରାମେଶ୍ୱର ଗଡ଼

ଐତିହ୍ୟ, ସଂସ୍କୃତିସମ୍ପନ୍ନ ମନ୍ଦିରମାଳିନୀ ରାମେଶ୍ୱର ଗଡ଼କୁ ଅତୀତରେ ବନ୍ଧାଣଗଡ଼ କୁହାଯାଉଥିଲା । ବଳରାମପୁର, ଜଗତପୁର ଓ ରାମେଶ୍ୱର ଆଦି ଗ୍ରାମର ସମିଶ୍ରଣରେ ରାମେଶ୍ୱର ପରିଚିତ । ବ୍ରାହ୍ମଣସାହି, ଖଣ୍ଡାୟତ ସାହି, ଖମାରସାହି, ଉପରସାହି, କାମନା ସାହି, ରାମେଶ୍ୱରଗଡ଼ ଆଦି ୯ଟି ସାହି ରହିଛି । ରାମେଶ୍ୱରର ପୂର୍ବଦିଗରେ ଦିଗନ୍ତବିସ୍ତାରୀ ଧାନକ୍ଷେତ । ପଶ୍ଚିମରେ ୧୬ ନମ୍ବର ଜାତୀୟ ରାଜପଥ ଓ ଧାନଘର ପାହାଡ଼ । ଏହି ପାହାଡ଼ର ପାଦ ଦେଶରେ ରାମେଶ୍ୱର ଗଡ଼ ଅବସ୍ଥିତ । ଉତ୍ତରରେ ବହିଯାଇଛି ମନ୍ଦାକିନୀ ବା ମଲାଗୁଣୀ ନଦୀ । ଦକ୍ଷିଣରେ ନୂଆ ଜଗନ୍ନାଥ ସଡ଼କ । ଏହା ରମେଶ୍ୱର ବସଷ୍ଟାଣ୍ଡରୁ ନିରାକାର ପୁରଦେଇ ପୁରୀକୁ ଲମ୍ବିଛି । ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ କୁହନ୍ତି, 'ବହୁ ବିଜ୍ଞ ପଣ୍ଡିତ, କବି, ରାଜନେତା, କଳାକାର, ଲେଖକ, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଏହି ଗାଁରେ ଜନ୍ମଲାଭ କରିଛନ୍ତି । ଏଠାରେ ଦୋଳ, ଚନ୍ଦନ, ଭାଗବତ ମେଳଣ, ରଜ, ରଥ, ଦଣ୍ଡପର୍ବ,ଦଶହରା ଓ ଖୁଦୁରକୁଣୀ ପର୍ବ ପାଳନ ହୋଇଥାଏ । ଲୋକକଥା ଓ ପୌରାଣିକ କଥାରୁ ଜଣାପଡ଼େ ରାମ ଓ ଈଶ୍ୱରଙ୍କ ମିଳନ ସ୍ଥଳ ବୋଲି ଗ୍ରାମର ନାମ ରାମେଶ୍ୱର ହୋଇଛି । ପୁରାଣ ଯୁଗରେ ଶ୍ରୀରାମଚନ୍ଦ୍ର ନିଧିଦେବ ଲିଙ୍ଗ ସ୍ଥାପନା କରିଥିଲେ । ସେହି ଲିଙ୍ଗ ସ୍ଥାନରେ ଗଜପତି ରାମଚନ୍ଦ୍ର ଦେବ ମନ୍ଦିର ପ୍ରତିଷ୍ଠା କଲେ । ଶ୍ରୀରାମନିଧି ଦେବ ବା ରାମେଶ୍ୱର ଗାଁର ଥାନପତି ଏବଂ ଜଗତ ମୋହନ ଦେବ ପୂଜିତ । ଗାଁରେ ପ୍ରାୟ୨୪ଟି ମନ୍ଦିର ରହିଛି । ମନ୍ଦିରର ଏକ ଶିଳାଲିପିରୁ ଜଣାପଡ଼େ ଅନଙ୍ଗ ଭୀମ ଦେବଙ୍କ ୭ମ ଅଙ୍କରେ ଲିଖିତ ବିଷ୍ଣୁମନ୍ଦିର ୫ଦଶ ଶତାବ୍ଦୀରେ ଏବଂ ଶିବମନ୍ଦିର ଦ୍ୱାଦଶ ଶତାବ୍ଦୀରେ ପ୍ରତିଷ୍ଠିତ । ରାମେଶ୍ୱର ଗଡ଼ ଥିଲା ଗଜପତିଙ୍କ ଅଷ୍ଟଦଶ ଗଡ଼ ମଧ୍ୟରୁ ଅନ୍ୟତମ । ଏହା ଥିଲା ବନଦୁର୍ଗା ଗଡ଼ । ପରବର୍ତ୍ତୀ ସମୟରେ ରାମେଶ୍ୱର ଜିଲା ରୂପେ ଦାରୁଠେଙ୍ଗଠାରୁ ଛତ୍ରପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ମଧୁସୂଦନଙ୍କ 'ହେମମାଳା' କାବ୍ୟରୁ ଜଣାପଡ଼େ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନରେ ରାମେଶ୍ୱର ଗଡ଼ର ବିକ୍ରମ ନାମକ ଜଣେ ବୀର ପାଇକ ସାମିଲ ଥିଲେ । ସେହିପରି ଫକୀର ହରିଚନ୍ଦଙ୍କ ଲିଖିତ– 'ଖୋର୍ଦ୍ଧା ଇତିହାସର ଅନ୍ତରାଳେ' ପୁସ୍ତକରୁ ଜଣାପଡ଼େ– ୧ମ ରାଜା ରାମଚନ୍ଦ୍ର ଦେବଙ୍କ ୧୫୯୨ରେ ପ୍ରତିଷ୍ଠିତ ଖୋର୍ଦ୍ଧା ରାଜ୍ୟର ଏକସ୍ତରୀଟି ଗଡ଼ ଥିଲା । ସେଥିମଧ୍ୟରୁ ପ୍ରଧାନ ପ୍ରଧାନ ୮ଟି ଗଡ଼ନାମରେ ସମସ୍ତ ଖୋର୍ଦ୍ଧା କିଲ୍ଲାକୁ ୮ଟି ଜିଲାରେ ବିଭକ୍ତ କରାଯାଇଥିଲା । ରାମେଶ୍ୱରଗଡ଼ ରାମେଶ୍ୱର ଜିଲାର ସଦର ମହକୁମା ଥିଲା । ରାମେଶ୍ୱର ଜିଲା ଅଧୀନରେ ସର୍ବମୋଟ ୯ ଗୋଟି ଗଡ଼ ଥିଲା– ଯଥା ରାମେଶ୍ୱର, ଲାଲସିଂ, ଛଣଗିରି, ଟିକାତାଳ, ମୂଳଝର, ବଡ଼ପୋଖରିଆ, ସିକୋ, ପରିଛଳ ଓ କୋତଲାଙ୍ଗ । ଅତୀତ ଓଡ଼ିଶାରେ ମୋଗଲ, ମରହଟ୍ଟା ଓ ବ୍ରିଟିଶ ରାଜତ୍ୱ କାଳରେ ଖୋର୍ଦ୍ଧାର ଜମିଜମା ସ୍ୱତ୍ୱଲିପି ବନ୍ଦୋବସ୍ତ ଗୁଡ଼ିକରେ କିଲ୍ଲେ ଖୋର୍ଦ୍ଧା, ଜିଲ୍ଲେ ରାମେଶ୍ୱର ବୋଲି ଉଲ୍ଲେଖ ରହୁଥିଲା । ୧୮୦୪ ଡିସେମ୍ବର ମାସର ଶେଷ ସପ୍ତାହରେ ବ୍ରିଟିଶ ବାହିନୀ ପକ୍ଷରୁ ଖୋର୍ଦ୍ଧାକୁ ଘନଘନ ଆକ୍ରମଣ ହେଲା । ଓଡ଼ିଆ ପାଇକ ବାହିନୀ ପ୍ରାଣମୂର୍ଚ୍ଛା ସଂଗ୍ରାମ କଲେ । ଖୋର୍ଦ୍ଧା ଘାଟି ଗଡ଼କୁ ଉତ୍ତର, ପୂର୍ବ ଓ ପଶ୍ଚିମ ଆଦି ତିନି ଦିଗରୁ ଅବରୋଧକରି ତୋପ କମାଣ, ବନ୍ଧୁକ ମୁହଁରୁ ଅବିରତ ଗୁଳିଗୋଳା ବର୍ଷଣ ସତ୍ତ୍ୱେ ଶକ୍ତିଶାଳୀ ଫିରିଙ୍ଗ ଫଉଜ ଏହି ଦୁର୍ଗ ଭେଦ କରିପାରି ନ ଥିଲେ । ସେତେବେଳେ ଖୋର୍ଦ୍ଧାର ଦୁର୍ଦ୍ଧର୍ଷ ପାଇକ ବାହିନୀର ନେତୃତ୍ୱ ନେଇ ଦୁର୍ଗ ପୂର୍ବ ଦ୍ୱାରର ରକ୍ଷା ଦାୟିତ୍ୱରେ ଅବସ୍ଥାପିତ ଥିଲେ ରାଜଗୁରୁ ଜୟକୃଷ୍ଣ ମହାପାତ୍ର । ସେହିପରି ଉତ୍ତର ଦ୍ୱାରର ରକ୍ଷା ଦାୟିତ୍ୱରେ ଥିଲେ ବୀର ଶ୍ରେଷ୍ଠ ବକ୍ସି ଏବଂ ପଶ୍ଚିମ ଦ୍ୱାରରେ ଥିଲେ ରାଜାଙ୍କ ଦେୱାନ । ମହାରାଜା ମୁକୁନ୍ଦ ଦେବ ମଝିରେ ମଝିରେ ଦକ୍ଷିଣ ପାର୍ଶ୍ୱ ଗୁପ୍ତ ଦ୍ୱାର ଦେଇ ଦୁର୍ଗ ମଧ୍ୟରେ ବାହାରି ବରୁଣେଇ ପାହାଡ଼ କାନ୍ଥରୁ ଯୁଦ୍ଧର ଗତିବିଧିକୁ ଲକ୍ଷ୍ୟକରୁଥିଲେ । କ୍ରମେ ଦୁର୍ଗର ପୂର୍ବ ପାଖ ପ୍ରାଚୀର ଉପରେ ହିଁ ଇଂରେଜ ସେନାଙ୍କର ଆକ୍ରମଣ କେନ୍ଦ୍ରୀଭୂତ ହୋଇଥିଲା । ତୋପ ମାଡ଼ରେ କାନ୍ଥରେ ପ୍ରକାଣ୍ଡ ଫାଟ ସୃଷ୍ଟି ହୋଇଥିଲା । ଶେଷରେ ସେମାନେ ଦୁର୍ଭେଦ୍ୟ ଦୁର୍ଗ ପ୍ରାଚୀର ଭେଦ କରିପାରିଛନ୍ତି । ଦୁର୍ଗର ନିରାପତ୍ତା ବିପନ୍ନ ହୋଇଛି । ଏବେ ଦୁର୍ଗ ଛାଡ଼ି ପଳାଇ ଯାଇ ଅରଣ୍ୟରେ ଆତ୍ମଗୋପନ କରିବା ଛଡ଼ା ଉପାୟ ନାହିଁ । ରାଜଗୁରୁ ତତ୍‌କ୍ଷଣାତ୍ ମହାରାଜାଙ୍କୁ ଏହି ବାର୍ତ୍ତା ଜଣାଇଥିଲେ । ସେହି ମୁହୂର୍ତ୍ତରେ ମହାରାଜା ମୁକୁନ୍ଦ ଦେବ, ଜୟୀ ରାଜଗୁରୁ, ବକ୍ସି ଓ ଦେୱାନ ପ୍ରମୁଖ ବିଶ୍ୱସ୍ତ ରକ୍ଷୀମାନଙ୍କ ଗହଣରେ ତାଙ୍କର ଚାରି ମାସର ଶିଶୁପୁତ୍ର ରାମଚନ୍ଦ୍ରଙ୍କ ସହିତ ରାଣୀଙ୍କୁ ସବାରିରେ ବସାଇ ମାଟିଆପଡ଼ା ଗଡ଼ର ବିଶ୍ୱସ୍ତ ପାଇକମାନଙ୍କ ଦ୍ୱାରା ପଠେଇ ଦେଇଥିଲେ । ଦୁର୍ଗର ଦକ୍ଷିଣ ପାର୍ଶ୍ୱ ସୁରକ୍ଷା ବଳୟ ଭେଦକରି ନପାରିଥିବା ଗୁପ୍ତ ଦ୍ୱାର ଦେଇ ଅରଣ୍ୟ ମଧ୍ୟରେ ପାଳାଇଯାଇ ରାମେଶ୍ୱର ଗଡ଼ରେ ନିଜର ରାଣୀ ଓ ଶିଶୁପୁତ୍ରଙ୍କ ସହ ଆଶ୍ରୟ ନେଲେ (ପୁସ୍ତକ–ଫିରିଙ୍ଗକଳି ଭାରତ) । ହେଲେ କମିନଥିଲା ଇଂରେଜଙ୍କ ଆକ୍ରମଣ । ସେତେବେଳେ ମୁକୁନ୍ଦ ଦେବଙ୍କ ସମ୍ପର୍କୀୟ ଶ୍ୱଶୁର ଥିଲେ ରାମେଶ୍ୱରଗଡ଼ର ଦଳବେହେରା ଲାଲା ବଳିଆର ସିଂ । ମୁକୁନ୍ଦ ଦେବଙ୍କ ଆତ୍ମଗୋପନ ସମୟରେ କୌଣସି ସାହାଯ୍ୟ ନ କରିବାକୁ ଲାଲା ବଳିଆର ସିଂ ଓ ତାଙ୍କ ଭାଇ ଭିକାରି ବଳିଆରସିଂଙ୍କ ଉପରେ ଇଂରେଜ କମିଶନର କଡ଼ା ନିର୍ଦ୍ଦେଶନାମା ଜାରି କରିଥିଲେ । ସେହିପରି ଜୟୀ ରାଜଗୁରୁ ଏହି ଗଡ଼ରେ ଗୋପନରେ ଥିଲେ । ଏ ସମ୍ପର୍କରେ ଅଧୀକ ଗବେଷଣାର ଆବଶ୍ୟକତା ରହିଛି ।

–ବନବିହାରୀ ବେହେରା



# ଅନନ୍ୟ ପର୍ଯ୍ୟଟନସ୍ଥଳୀ ରତ୍ନାଗିରି



**ମହାରାଷ୍ଟ୍ରର କୋଙ୍କଣ କ୍ଷେତ୍ରରେ ଆରବ ସାଗରର ତଟଦେଶରେ ଅବସ୍ଥିତ ଏକ ଐତିହାସିକ ତଥା ସୁନ୍ଦର ତଟୀୟ ସହର ହେଉଛି ରତ୍ନାଗିରି। ହାପୁସ୍ ବା ଅଲ୍‌ଫାନ୍ସୋ ନାମକ ଏକ ସ୍ୱତନ୍ତ୍ର ପ୍ରଜାତିର ଆମ୍ୱ ପାଇଁ ଏହି ସହରର ବେଶ୍ ଖ୍ୟାତି ରହିଛି। ଏଠାକାର ପ୍ରାଚୀନ ଦୁର୍ଗ, ମନ୍ଦିର ତଥା ସମୁଦ୍ର ତଟର ସୌନ୍ଦର୍ଯ୍ୟ ବି ବେଶ୍ ଆକର୍ଷଣୀୟ ଲାଗେ...**

ରତ୍ନାଗିରି ହେଉଛି ମହାରାଷ୍ଟ୍ରସ୍ଥିତ ଏକ ତଟୀୟ ସହର ; ଯାହାକି ଆରବ ସାଗରର ତଟଦେଶରେ ଅବସ୍ଥିତ। ଏହି ସହରର ଶାନ୍ତ ବାତାବରଣ, ଆକର୍ଷଣୀୟ ସମୁଦ୍ରତଟ ଓ ସ୍ୱଚ୍ଛ ଜଳବାୟୁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ। କେବଳ ସେତିକି ନୁହେଁ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ବହୁ ଦର୍ଶନୀୟ ସ୍ଥାନମାନ।

**କ'ଣ ଦେଖିବେ**

* **ଗଣପତିପୁଲେ ଓ ଗଣେଶ ମନ୍ଦିର:** ରତ୍ନାଗିରିରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ଏହି ପବିତ୍ର ସ୍ଥାନଟି ; ଯେଉଁଠାରେ ଏକ ପ୍ରାଚୀନ ଗଣେଶ ମନ୍ଦିର ଥିବାର ପର୍ଯ୍ୟଟକ ଦେଖିପାରିବେ। ତା'ସହିତ ଏଠାରେ ଥିବା ଧଳାବାଲିର ସମୁଦ୍ରତଟ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ।
* **ରତ୍ନାଗିରି ଲାଇଟ୍‌ହାଉସ୍:** ଆରବ ସାଗରର ଅପୂର୍ବ ଶୋଭାକୁ ଦେଖିବା ପାଇଁ ଏହି ସ୍ଥାନଟି ବେଷ୍ଟ ହୋଇଥାଏ। ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବି ଏଠି ମନୋରମ ଲାଗେ।
* **ଜୟଗଡ଼ ଦୁର୍ଗ:** ରତ୍ନାଗିରି ନିକଟସ୍ଥ ଏହା ଏକ ଐତିହାସିକ ଦୁର୍ଗ। ଫଟୋଗ୍ରାଫିରେ ରୁଚି ରଖୁଥିବା ପର୍ଯ୍ୟଟକ ତଥା ଇତିହାସପ୍ରେମୀଙ୍କ ପାଇଁ ଏହି ସ୍ଥାନଟି ବେଷ୍ଟ ହୋଇଥାଏ।
* **ଥିବା ପଏଣ୍ଟ:** ରତ୍ନାଗିରି ନିକଟବର୍ତ୍ତୀ ଏହି ସ୍ଥାନରେ ରହିଛି ଏକ ତିନି ମହଲାବିଶିଷ୍ଟ ମହଲ। ଆଉ ତା'କୁ ଘେରି ରହିଛି ଏକ ସୁନ୍ଦର ବଗିଚା। ଏହି ମହଲ ମଧ୍ୟରେ ପର୍ଯ୍ୟଟକ ଅନେକ ସୁନ୍ଦର ସୁନ୍ଦର ପୁରୁଣା ମୂର୍ତ୍ତିମାନ ଥିବାର ଦେଖିପାରିବେ।

ଏସବୁ ବ୍ୟତୀତ ରତ୍ନାଗିରିର ଆଖପାଖ ଅଞ୍ଚଳରେ ପର୍ଯ୍ୟଟକ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ଥିବାର ମଧ୍ୟ ଦେଖିପାରିବେ।

**ମୁଖ୍ୟ ଆକର୍ଷଣ**

ଏଠାରେ ହାପୁସ୍ ବା ଅଲ୍‌ଫାନ୍ସୋ ନାମକ ଏକ ସ୍ୱତନ୍ତ୍ର ପ୍ରଜାତିର ଆମ୍ୱ ମିଳେ ; ଯାହାର ଲୋକପ୍ରିୟତା ଦେଶବିଦେଶରେ ଢେର୍ ରହିଛି। ପର୍ଯ୍ୟଟକ ଚାହିଁଲେ ଆମ୍ୱ ସିଜନ୍‌ରେ ଯାଇ ସୁଲଭ ଦରରେ ଆମ୍ୱ କିଣି ଆଣିପାରିବେ।

**ଦୁଃସାହସିକ ପର୍ଯ୍ୟଟନର ମଜା**

ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକ ଚାହିଁଲେ ଏଠାରେ ସ୍କୁବା ଡାଇଭିଂ, ସ୍ନୋର୍କେଲିଂ, ସି ଜିପ୍‌ଲାଇନିଂ, ଜେଟ୍ ସ୍କିଂ ଆଦି କ୍ରୀଡ଼ାର ଭରପୂର ଆନନ୍ଦ ନେଇପାରିବେ। ଏହାଛଡ଼ା ପ୍ରକୃତିର ଅପୂର୍ବ ଶୋଭାରାଜିକୁ ମନଭରି ଉପଭୋଗ କରିବା ସହ ଫଟୋଗ୍ରାଫି ବି ଏଠି କରିପାରିବେ।




**କେବେ ଓ କେମିତି ଯିବେ**

ରତ୍ନାଗିରି ବୁଲିଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି  ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ରତ୍ନାଗିରି ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର ; ଯେଉଁଠାରୁ ଟ୍ୟାକ୍ସି ଅବା ବସ୍ ସାହାଯ୍ୟରେ ଜଣେ ଆରାମରେ ଯାଇ ରତ୍ନାଗିରିରେ ପହଞ୍ଚିପାରିବେ। ସେହିପରି ରତ୍ନାଗିରି ରେଲ୍‌ୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ପ୍ରମୁଖ ରେଳଷ୍ଟେଶନ। ଅନ୍ୟପକ୍ଷେ ପର୍ଯ୍ୟଟକ ଚାହିଁଲେ ନିଜ ନିଜର ଗାଡ଼ି ନେଇ ମଧ୍ୟ ଏଠାକୁ ବୁଲିବାକୁ ଯାଇପାରିବେ।








# ନୋଜ ପିୟର୍ସିଂ ପଛରେ ବିଜ୍ଞାନ

**ନାକ ଫୋଡ଼ାଇବା ବା ନୋଜ୍ ପିୟର୍ସିଂ ହୋଇପାରେ ଆଜିକାର ଫ୍ୟାଶନ୍ । କିନ୍ତୁ ପ୍ରକୃତରେ ଏହା ଭାରତୀୟ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। କାହିଁ କେଉଁକାଳରୁ ଭାରତୀୟ ମହିଳାମାନେ ନାକରେ ନୋଥ କିମ୍ବା ନାକଫୁଲ ପିନ୍ଧି ଆସିଛନ୍ତି । ପୂର୍ବେ ଏହା ଥିଲା ପରମ୍ପରା, ଏବେ ଫ୍ୟାଶନ୍ ପାଲଟିଗଲାଣି । ତେବେ ଜାଣନ୍ତି କି ନାକ ଫୋଡ଼ାଇବା ବିଜ୍ଞାନସମ୍ମତ ମଧ୍ୟ ହେଲେ  କିପରି ଜାଣନ୍ତୁ ସେ ସମ୍ପର୍କରେ...**




ଆମେ ହୁଏତ ଆଜି ନାକ ଫୋଡ଼ାକୁ ଫ୍ୟାଶନ ବୋଲି ଭାବୁଥାଇପାରୁ, କିନ୍ତୁ ଆୟୁର୍ବେଦରେ ଏହାକୁ ସ୍ୱାସ୍ଥ୍ୟ ସହିତ ଯୋଡ଼ାଯାଇଛି । ଜାଣି ଆଶ୍ଚର୍ଯ୍ୟ ହେବେ ଯେ ନାକ ଫୋଡ଼ା କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ, ବରଂ ଏହାର ଅନେକ ସ୍ୱାସ୍ଥ୍ୟଗତ ଉପକାରିତା ମଧ୍ୟ ରହିଛି ।



**ପ୍ରଜନନ ପ୍ରକ୍ରିୟା ସହଜ କରାଏ:** ଆୟୁର୍ବେଦ ଅନୁଯାୟୀ,  ନାକର ବାମ ପାର୍ଶ୍ୱ ପ୍ରଜନନ ଅଙ୍ଗ ସହିତ ଜଡ଼ିତ । ଅର୍ଥାତ୍ ବାମ ନାକପୁଡ଼ାର ଶିରାଗୁଡ଼ିକ ଓଭାରି ସହିତ ସଂଯୁକ୍ତ, ତେଣୁ ଯଦି ବାମ ନାକପୁଡ଼ାର ଠିକ୍ ସ୍ଥାନରେ ଛିଦ୍ର କରାଯାଏ, ତେବେ ପ୍ରସବ ଯନ୍ତ୍ରଣାରୁ ମୁକ୍ତି ମିଳେ ଏବଂ ଏହି ପ୍ରକ୍ରିୟା ସହଜ ହୋଇଥାଏ । ତା'ସହ ନାକର କଣା ଆକ୍ୟୁପଙ୍କଚର୍ ଭଳି କାମ କରି ସେହି ବିନ୍ଦୁଗୁଡ଼ିକ ଉପରେ ଚାପ ସୃଷ୍ଟି କରନ୍ତି, ଯାହା ପ୍ରଜନନ କ୍ଷମତା ବୃଦ୍ଧି କରୁଥିବା ହରମୋନ ଉତ୍ପାଦନ କରିବାରେ ସାହାଯ୍ୟ କରିଥାଏ ।

**ମାସିକ ଧର୍ମ ଯନ୍ତ୍ରଣାରୁ ମୁକ୍ତି:** ଆୟୁର୍ବେଦ ଆହୁରି ମଧ୍ୟ କହେ ନାକ ଫୋଡ଼ିବା ଦ୍ୱାରା ପ୍ରତି ମାସରେ ମହିଳାମାନଙ୍କ ଋତୁସ୍ରାବ ସମୟରେ ପେଟର ତଳ ଭାଗରେ ହେଉଥିବା ଯନ୍ତ୍ରଣା କମ୍ ହୋଇଥାଏ, କାରଣ ବାମ ନାକପୁଡ଼ାର କିଛି ଶିରା ପେଟର ତଳ ଭାଗରେ ଥିବା ଓଭାରି ବା ଡିମ୍ବାଶୟ ସହିତ ଜଡ଼ିତ ଥାଏ । ତେଣୁ ଋତୁସ୍ରାବର ଯନ୍ତ୍ରଣା ଏବଂ କ୍ରାମ୍ପ କମିବାରେ ସାହାଯ୍ୟ ମିଳେ । ଖାସ୍‌କରି ନାକର ବାମ ପାର୍ଶ୍ୱରେ ଏପରି କିଛି ପ୍ରେସର ପଏଣ୍ଟ ଥାଏ, ଯେଉଁଠାରେ ଫୋଡା ଯିବା ଦ୍ୱାରା ଋତୁସ୍ରାବଜନିତ ଯନ୍ତ୍ରଣା ହ୍ରାସ ପାଇଥାଏ ।

**ମାଇଗ୍ରେନ ଏବଂ ସାଇନସରେ ଆରାମ:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନାକ ଫୋଡ଼ାଇବାକୁ ଏକ ଆକ୍ୟୁପଙ୍କ୍ଚର ପଦ୍ଧତି ଭାବେ ଗ୍ରହଣ କରନ୍ତି । ଏହା କରିବା ଦ୍ୱାରା ଶାରୀରିକ ସହିତ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ବୃଦ୍ଧି ପାଇଥାଏ । ଏହାଦ୍ୱାରା ମାଇଗ୍ରେନ ଯନ୍ତ୍ରଣାରୁ ବି ଆରାମ ମିଳିଥାଏ । ଏହା ମସ୍ତିଷ୍କକୁ ଶାନ୍ତ ରଖିବା ସହ ଏକାଗ୍ରତା ବଢ଼ାଇବାରେ ସାହାଯ୍ୟ କରେ । କେବଳ ସେତିକି ନୁହେଁ, ନାକ ଫୋଡ଼ାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ଏବଂ ଶ୍ୱାସକ୍ରିୟା ପ୍ରଣାଳୀ ମଧ୍ୟ ମଜଭୁତ ହୋଇଥାଏ । ଆୟୁର୍ବେଦରେ କୁହାଯାଇଛି ଯେ ନାକ ଫୋଡ଼ାଇବା ଦ୍ୱାରା ସାଇନସ ସମସ୍ୟାରୁ ଅନେକାଂଶରେ ମୁକ୍ତି ମିଳିପାରେ । ଯଦି କେହି ପୁରୁଣା ସାଇନସ ସମସ୍ୟା ଦେଇ ଗତି କରୁଛନ୍ତି କିମ୍ବା ବାରମ୍ବାର ନାକରେ ସଂକ୍ରମଣ ହେଉଛି, ତେବେ ନାକ ଫୋଡ଼ା ତାଙ୍କୁ ଆରାମ ଦେଇପାରେ । ଏହାବାଦ ଆକ୍ୟୁପଙ୍କଚର୍ ଭଳି କାମ କରି ଏହା ଯନ୍ତ୍ରଣା ହ୍ରାସ କରୁଥିବା ହରମୋନ ଉତ୍ପାଦନ କରେ ଓ ଶରୀରର ବିଭିନ୍ନ ଅଙ୍ଗର ଯନ୍ତ୍ରଣାରୁ ବି ମୁକ୍ତି ଦେଇଥାଏ । ଏହା ସାହାଯ୍ୟରେ କେବଳ ଓଭାରି ବା ଗର୍ଭାଶୟ ଜନିତ ଯନ୍ତ୍ରଣାରୁ ମୁକ୍ତି ମିଳେ ନାହିଁ, ବରଂ ଶରୀରର ପ୍ରଜନନ ହରମୋନଗୁଡ଼ିକ ମଧ୍ୟ ସକ୍ରିୟ ହୋଇଥାଏ ।







ଆୟୁର୍ବେଦ ଅନୁଯାୟୀ, ସୁନା, ରୁପାର ନାକଫୁଲରେ ପ୍ରାକୃତିକ ହିଲିଂ ପାୱାର ଥାଏ । ତେଣୁ ସ୍ୱାସ୍ଥ୍ୟ ପ୍ରତି ଏହା ବେଶ୍ ଉପକାରୀ ।

# କଫିନ୍‌ରେ କରୁଛନ୍ତି ଆରାମ



ପ୍ରତ୍ୟେକ ମଣିଷ ଆରାମ ଏବଂ ଶାନ୍ତିର ଜୀବନ ଚାହାନ୍ତି । କିନ୍ତୁ ଆଜିକା ସମୟରେ ଭାଗ୍ୟରେ ଆରାମ କାହିଁ ? ସେଇଥିପାଇଁ ବୋଧହୁଏ ଜାପାନର ଅଧିବାସୀ ଏବେ ଏକ ଅଜବ କାମ କରୁଛନ୍ତି । ସେମାନେ ସିଧାସଳଖ କଫିନ୍ ଭିତରେ ଶୋଇ ଆରାମ କରି ଶାନ୍ତି ଖୋଜୁଛନ୍ତି, ଯାହାକି ଜାପାନରେ ଏକ ଟ୍ରେଣ୍ଡ ପାଲଟିଛି । ଆଉ ଏହା 'କଫିନ ଲାଇଙ୍ଗ' ଭାବେ ପରିଚିତ । ଲୋକମାନେ କଫିନ୍ ଭିତରେ ଶୋଇ ଧ୍ୟାନ କରୁଛନ୍ତି, ଜୀବନ ଏବଂ ମୃତ୍ୟୁ ବିଷୟରେ ଚିନ୍ତା କରୁଛନ୍ତି । କହିବାକୁ ଗଲେ ଲୋକମାନେ କଫିନ୍‌କୁ ଏକ ଶାନ୍ତ ସ୍ଥାନ ଭାବରେ ବାଛୁଛନ୍ତି, ଯେଉଁଠାରେ ସେମାନେ ନିଜ ଜୀବନ ବିଷୟରେ ଚିନ୍ତା କରିବା ସହ ଚାପ କମାଇ ପାରିବେ । କୁହାଯାଉଛି ଜାପାନର ସାଧାରଣ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ହାର ବହୁତ ବୃଦ୍ଧି ପାଉଥିବାରୁ ଏହି ଟ୍ରେଣ୍ଡ ବଢିଛି । କଫିନ ମେଡିଟେଶନ ସୁବିଧା ଯୋଗାଇ ଦେଉଥିବା କମ୍ପାନୀଗୁଡିକର କହିବା କଥା ଯେ, ଏହା ମାଧ୍ୟମରେ ଲୋକମାନେ ଏକାକୀ ସମୟ ଅତିବାହିତ କରିପାରୁଛନ୍ତି ଏବଂ ନିଜର ଚିନ୍ତାଧାରାକୁ ଭଲ ଭାବରେ ବୁଝିପାରୁଛନ୍ତି । ଏବେ ତ ଲୋକଙ୍କ ବ୍ୟକ୍ତିତ୍ୱ ଅନୁସାରେ ବିଭିନ୍ନ ପ୍ରକାରର କଫିନ୍ ଆସୁଛି । ଯଦି ସାଧାରଣ କାଠର କଫିନ୍‌ରେ ଭୟଙ୍କର ଲାଗୁଛି, ତେବେ ଲୋକମାନେ 'କ୍ୟୁଟ କଫିନ' ବାଛିପାରିବେ । ଟୋକିଓରେ ଏକ ସ୍ପା, 'ମିସୋ କୁକାନ କାନୋକେ ଇନ'ରେ ଏହି ସୁବିଧା ଉପଲବ୍ଧ ଅଛି । ଏହି କଫିନ୍‌ଗୁଡିକ ରଙ୍ଗିନ ଏବଂ ଦେଖିବାକୁ ବେଶ୍ ଷ୍ଟାଇଲିସ । ଏହାକୁ 'ଗ୍ରେଭ ଟୋକିଓ' ନାମକ ଏକ କମ୍ପାନୀ ଡିଜାଇନ କରିଛି । ୩୦ ମିନିଟର ଏହି ସେସନ୍‌ର ମୂଲ୍ୟ ୧୩ ଡଲାର ବା ପ୍ରାୟ ୧୧୮୧ ଟଙ୍କା ରହିଛି । ଲୋକମାନେ ଚାହିଁଲେ ଖୋଲା କିମ୍ବା ବନ୍ଦ କଫିନ ବାଛିପାରିବେ । କଫିନ ଭିତରେ ଶୋଇ ଶାନ୍ତିପ୍ରଦାୟକ ସଙ୍ଗୀତ ଶୁଣିପାରିବେ କିମ୍ବା ଶୋଇ ରହି ଛାତ ଉପରେ କୌଣସି ଭିଡିଓ ଦେଖିପାରିବେ । ଏହା ବ୍ୟତୀତ ସେମାନେ ଚାହିଁଲେ ସମ୍ପୂର୍ଣ୍ଣ ଶାନ୍ତ ମଧ୍ୟ ରହିପାରିବେ ।

# ଅଥ ବଥ ଠାକୁରାଣୀ କଥା



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଅନେକ ବର୍ଷ ପରେ ଏଇ ନିକଟରେ ନରି ଭାଇଙ୍କ ସହ ଦେଖାହେଲା । ଶୁଣିଥିଲି, ଏବେ ସେ କାଳେ ମଦ ବେପାର ଓ ଗୁଣ୍ଡାଗିରି ଛାଡି ଭଲ ମଣିଷ ହେବାକୁ ଗୋଟେ ନୂଆ ବେପାର କରି ଖୁବ୍ ପଇସା କମଉଛନ୍ତି । ସୁଖଦୁଃଖର ଆଦାନ ପ୍ରଦାନ ପରେ ପଚାରିଲି – 'ଭାଇ ଏବେ କ'ଣ କରୁଛ ?' ନରି ଭାଇ କହିଲେ –'ଗୋଟେ ମନ୍ଦିର ତୋଳିଛି ।' ମନ୍ଦିର ? ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି । ସେ କହିଲେ, ''ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି । ଏବେ ମାର୍କେଟରେ ଟିକିଟା ବ୍ୟବସାୟ ଭଲରେ ଚାଲିଛି । ମୋ ମଦ ବେପାରଠାରୁ ବି ଅଧିକ ଲାଭଜନକ । ଗୋଟେ ହେଲା ଶିକ୍ଷା ଆଉ ଗୋଟେ ସ୍ୱାସ୍ଥ୍ୟ ଓ ଆରଟା ଧର୍ମ । ବାସ୍, ମୁଁ ଧର୍ମକୁ ନେଇ ବ୍ୟବସାୟ କରୁଛି । ସବୁ ଖର୍ଚ୍ଚ ଯାଇ କିଛି ନ ହେଲେ ବି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛି ।'' ମୁଁ କହିଲି, ''ଭାଇ ଏମିତି କି ମନ୍ଦିର ତୋଳିଛ ଯେ ଏତେ ରୋଜଗାର ହେଉଛି ! ଆମକୁ ଟିକେ କୁହନ୍ତନି । ଏ ମହରଗ ଦୁନିଆରେ ସ୍ୱଳ୍ପ ରୋଜଗାରରେ ଧନ୍ଦି ହୋଇଗଲିଣି । ମୁଁ ଭାବୁଛି ନୂଆକିଛି ଧନ୍ଦାରେ ହାତ ଦିଅନ୍ତି ।'' ଭାଇ ମୋତେ ଆଶ୍ୱାସନା ଦେଲା ପରି କହିଲେ, 'ଶୁଣ ତୁ ଠିକ୍ ସମୟରେ ମୋ ସହ ଭେଟ ହେଉଛୁ । ମୁଁ ଏବେ ମୋ ମନ୍ଦିରର ଫ୍ରାଞ୍ଚାଇଜ ଅନ୍ୟ ଜିଲାମାନଙ୍କ ପାଇଁ ଦେଉଛି । କେତେବେଳେ ସୁବିଧା ହେଲେ ମୋ ବଥଠାକୁରାଣୀ ମନ୍ଦିର ଆଡେ ଆସେ ।'

ଏବେ ମୋ ଉତ୍ସୁକତା ଚରମ ସୀମାରେ । ପଚାରିଲି– ବଥଠାକୁରାଣୀ !! ଏମିତି ଠାକୁରାଣୀଙ୍କ ନାଁ ମୁଁ ତ ଆଗରୁ କେବେ ଶୁଣିନି । ହଁ ମଝିରେ ମଝିରେ ଫେସ୍‌ବୁକ କି ରିଲ ଦେଖିଲା ବେଳେ ବଥ ଠାକୁରାଣୀଙ୍କ ମହିମା ଭଜନ ଭିଡିଓ ଆଖିରେ ପଡିଛି । କିନ୍ତୁ ଭାଇ ଏତେ ପ୍ରସିଦ୍ଧ ଦେବଦେବୀ ଥାଉ ଥାଉ ତୁମେ ଏ ନୂଆ ଠାକୁରାଣୀଙ୍କ ମନ୍ଦିର କାହିଁକି ତୋଳିଛ ।

ନରି ଭାଇ ମୋତେ ପାଖ ଦୋକାନ ଆଗରେ ପଡିଥିବା ବେଞ୍ଚ ପାଖକୁ ନେଇ କହିଲେ, ଏବେ ଆରାମରେ ବସି ଶୁଣ – ଯେଉଁ ବହୁ ଦୃଶ୍ୟମାନ ଦେବଦେବୀଙ୍କ କଥା କହୁଛୁ ସେମାନଙ୍କ ମନ୍ଦିର ଏଇ ସହରରେ ମାଳ ମାଳ । ପ୍ରତି ପାଞ୍ଚ କିମି ପରିଧି ଭିତରେ ତୁ କହୁଥିବା ପ୍ରସିଦ୍ଧ ଦେବତାଙ୍କ ମନ୍ଦିର ଯେତିକି ସଂଖ୍ୟାରେ ଅଛି ସେହି ଅନୁପାତରେ ଭକ୍ତ ନାହାନ୍ତି । ଭକ୍ତଙ୍କ ଆବଶ୍ୟକତାଠାରୁ ମନ୍ଦିର ସଂଖ୍ୟା ଅଧିକ ଅଛି । ତେଣୁ ବାରି ଦିନ ଭକ୍ତ ବିଭିନ୍ନ ମନ୍ଦିର ଭିତରେ ଭାଗ ହେଇଯାଉଛନ୍ତି । ଏବେ ନୂଆ ନୂଆ ସ୍ୱୟମ୍ଭୁ ଦେବଦେବୀଙ୍କ ଯୁଗ । ପ୍ରତିଦିନ ନୂଆ ନୂଆ ବାବା, ମାତା, ପୀର ଓ ଦୀକ୍ଷିତ ପ୍ରବଚକ ଭୂଇଁ ଫଟେଇ ବାହାରୁଛନ୍ତି । ଏହା ସହ ତାଳ ଦେଇ କାନ ଗଣ୍ଡୁରିବା ଦିନଠୁ କେବେ ଶୁଣି ନ ଥିବା ନୂଆ ଠାକୁର ଠାକୁରାଣୀଙ୍କ ଆବିର୍ଭାବ କେଉଁଠି ନା କେଉଁଠି ପ୍ରତିଦିନ ହେଉଛି । ଏମାନଙ୍କ ଖ୍ୟାତି ଯାହା ହେଲାଣି ସେଥିରେ ଭକ୍ତଙ୍କୁ ପ୍ରଭୁଙ୍କ ଦର୍ଶନ ମିଳିବା କଥା ଛାଡ ଅଧିକାଂଶ ପୁରୁଣା କାଳିଆ ଦେବଦେବୀଙ୍କ ମନ୍ଦିରରେ ଖୋଦ ପ୍ରଭୁଙ୍କୁ ଭକ୍ତଙ୍କ ଦର୍ଶନ ମିଳୁନି । ଗୋଟେ ମନ୍ଦିରର ଆବଶ୍ୟକ ଖର୍ଚ୍ଚ ଉଠିବା ପାଇଁ ଭୋଗ, ଦୀପ, ଫୁଲ ଦୋକାନ ଓ ଦାନ ବାକ୍ସରୁ ଯେଉଁଭଳି ଆମଦାନୀ ଦରକାର ସେହି ପରିମାଣରେ ଭକ୍ତ ମନ୍ଦିରକୁ ଆସୁନାହାନ୍ତି ।

ନରି ଭାଇ ଟିକେ ଦମ୍ ନେଇ ପୁଣି ଆରମ୍ଭ କଲେ, ''ଆଜିର ଦ୍ରୁତ ଗତିଶୀଳ ଜୀବନରେ, ସମାଜର କୌଣସି ବର୍ଗ ବଜାରବାଦ ଏବଂ ଏହାର ଶକ୍ତିଶାଳୀ ବ୍ୟବସ୍ଥାର ପ୍ରଭାବରୁ ଅସ୍ପୃଶ୍ୟ ନୁହେଁ । ବଜାରବାଦର ଏହି ସଂକ୍ରମଣକାଳୀନ ଯୁଗରେ ଧର୍ମ ଅଲଗା ରହିବ କେମିତି । ଯଦି ଲୋକଙ୍କ ବିଶ୍ୱାସକୁ ତୁ ବ୍ୟବସାୟରେ ପରିଣତ କରିବାକୁ ସଫଳ ହେଲୁ ତେବେ ଆଗାମୀ ସାତ ଜନ୍ମ ପର୍ଯ୍ୟନ୍ତ କାଟି ଖାଉଥିବୁ । ଏଥିପାଇଁ ପେସାଦାର ସଂସ୍ଥା ସବୁ ଅଛି । ଯେଉଁମାନେ ତୋ ପାଇଁ ବଜାରରେ ଧ୍ରୁବୀକରଣ ସୃଷ୍ଟି କରିବାରେ ସାହାଯ୍ୟ କରିବେ । ଏଥିପାଇଁ ପ୍ରବଚକ, ମହିଳା, ଗଞ୍ଜୋଡ଼, ସକାଳେ ଚା' ଦୋକାନ ପାଖରେ ଖଟି କରୁଥିବା ଲୋକ ନିଯୁକ୍ତ ହୋଇଛନ୍ତି । ଯେଉଁମାନେ ଅଧିକରୁ ଅଧିକ ଭକ୍ତମାନଙ୍କୁ ମନ୍ଦିର ଆଡକୁ ଟାଣିବା ପାଇଁ ଲୋକମାନଙ୍କୁ ଆମ ମନ୍ଦିରରେ ବିରାଜିଥିବା ପ୍ରତ୍ୟକ୍ଷ ଠାକୁରାଣୀଙ୍କ ମହିମା ବିଷୟରେ ମନଗଢା କାହାଣୀ ଶୁଣାନ୍ତି । ତୋ ଭଳି ମୁଁ ବି ଆଗରୁ ବଥଠାକୁରାଣୀଙ୍କ ନାଁ ଶୁଣି ନ ଥିଲି । ଜଣେ ବହୁ ପ୍ରଶିକ୍ଷିତ ପେସାଦାର ପ୍ରବଚକ ଥରେ କହିଲେ, ସବୁ ଦେବଦେବୀଙ୍କ ମନ୍ଦିର ଅଛି ହେଲେ ବଥଠାକୁରାଣୀଙ୍କ ମନ୍ଦିର ନାହିଁ । ଏହାଙ୍କ ବିଷୟରେ ପୁରାଣରେ ବର୍ଣ୍ଣିତ ଅଛି । ପ୍ରଭୁ ରାମଚନ୍ଦ୍ର ଚଉଦ ବର୍ଷ ବନବାସରେ ଥିଲାବେଳେ ତାଙ୍କ ଦେହରେ ଗୋଟେ ବଥ ବାହାରିଲା । ବଥର ପ୍ରଭାବରୁ ପ୍ରଭୁଙ୍କୁ ଅସହ୍ୟ କଷ୍ଟ ପାଉଥିବା ଦେଖି ମାତା ସୀତା ଏହି ବଥଠାକୁରାଣୀଙ୍କ ପାଖରେ ମାନସିକ କରି ସାତ ବୁଧବାର ପାଳିଥିଲେ । ତୁମେ ସେହି ବଥଠାକୁରାଣୀଙ୍କ ମନ୍ଦିର କର ଶୀଘ୍ର ସଫଳତା ପାଇବ । ତାଙ୍କ କଥା ଶୁଣି ମୁଁ ପ୍ରବଚକଙ୍କୁ ପଚାରିଥିଲି ଯେ ଏମିତି କଥା ରାମାୟଣରେ ଥିଲା ଭଳି ତ କାହିଁ ମୋର ମନେପଡୁନି । ମୋ କଥା ଶୁଣି ସେ କହିଲେ, ତୁମେ କ'ଣ ସବୁ ରାମାୟଣ ପଢିଛ ? ଯେତେ ମୁନି ସେତେ ରାମାୟଣ, ଯେତେ କଥା ସେତେ ଲଥା, ଯେତେ ପ୍ରବଚକ ସେତେ ପ୍ରବଚନ । ସମସ୍ତେ ସବୁ କଥା ଶୁଣି ନ ଥାନ୍ତି କି ଜାଣି ନ ଥାନ୍ତି । ଏମିତିରେ କାହା ପାଖରେ ସମୟ ଅଛି ଏ ସବୁର ସତ୍ୟତା ବିଷୟରେ ଗବେଷଣା କରିବାକୁ । ନା ରାମ ବଞ୍ଚିଛନ୍ତି ନା ବାଲ୍ମୀକି । ଧରିତ୍ରୀରୁ ଦୁଃଖ କଷ୍ଟ ପାପ ମୋଚନ ପାଇଁ ପ୍ରଭୁ କେତେବେଳେ କେଉଁ ସମୟରେ କାହା ମାଧ୍ୟମ ଦେଇ ଧରାପୃଷ୍ଠକୁ ଆସିବେ ତାହା କେବଳ ତାଙ୍କୁ ଜଣା ।



ଲୋକଙ୍କ ମୋହ ସବୁବେଳେ ନୂଆ ପ୍ରତି ଆଦର ଥାଏ । ସେଇ ଚିରାଚରିତ ଦେବଦେବୀଙ୍କୁ ଗୁହାରି କରି କରି ଭକ୍ତ ବୋର୍ ହେଇଗଲେଣି । ଆଗରୁ ଜଣେ ଡାକ୍ତରଙ୍କ ପାଖକୁ ରୋଗୀ ଏକଜିମାଠାରୁ ଆମେନସିଆ ପର୍ଯ୍ୟନ୍ତ ସବୁ ରୋଗ ପାଇଁ ଯାଉଥିଲେ । ଏବେ ବିଭିନ୍ନ ରୋଗ ପାଇଁ ଅଲଗା ଅଲଗା ଡାକ୍ତର ଅଛନ୍ତି । ସେମିତି ସବୁ ସମସ୍ୟା ପାଇଁ ଜଣେ ଦେବତାଙ୍କ ପାଖକୁ ଆଉ ଭକ୍ତ ଯାଉନାହାନ୍ତି । ପ୍ରତି ସମସ୍ୟା ପାଇଁ ଅଲଗା ଅଲଗା ଦେବଦେବୀଙ୍କ ମନ୍ଦିର ଅଛି । ଆଗରୁ ଭକ୍ତ ପ୍ରଭୁଙ୍କ ପାଖକୁ ଯାଉଥିଲେ । ଏଇଟା ଡିଜିଟାଲ ଯୁଗ । ଆମ ମନ୍ଦିରର ଗୋଟେ ମୋବାଇଲ ଆପ୍ ଅଛି । ଏବେ ସ୍ୱୟଂ ପ୍ରଭୁ ଲୋକଙ୍କ ମୋବାଇଲ ବାଟେ ଭକ୍ତଙ୍କ ପାଖରେ ପହଞ୍ଚି ଯାଉଛନ୍ତି । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବଥଠାକୁରାଣୀଙ୍କ ଅଲୌକିକ ମହିମା ଭଜନର ଭିଡିଓ ଅହରହ ବାଜୁଛି । ବଡ଼ୋର ଧନା ସେଠ୍‌ର ବଥକୁ ଦେଖି ଡାକ୍ତର କ୍ୟାନ୍ସର ହେଇଛି କହି ଅପେରେଶନ କଲା ପରେ ପୁଣି ସେଇଜାଗାରେ ଆଉଥରେ ବଥ ବାହାରିଲା । ସବୁଆଡୁ ନିରାଶ ହେଲା ପରେ ଆମ ମନ୍ଦିରକୁ ଆସି ମା'ଙ୍କ ସିନ୍ଦୂର ବଥରେ ଲଗେଇ ରାତିରେ ଶୋଇଛନ୍ତି ସକାଳୁ ବଥ ଗାଏବ । ଇନ୍‌ଷ୍ଟାଗ୍ରାମ୍‌ରେ ଆମର ଏହି ରିଲ ଭିଡିଓକୁ ଦଶ ଲକ୍ଷ ଲୋକ ଦେଖି ଲାଇକ ମାରିସାରିଲେଣି । ମୋ ମନ୍ଦିରର ଖ୍ୟାତି ଏବେ ଦେଶ ସୀମା ଟପି ବିଦେଶରେ ପହଞ୍ଚିଗଲାଣି । ଆମେରିକାର ଜଣେ ଭକ୍ତଙ୍କୁ ମୋ ମୋବାଇଲ ଆପ୍ ଜରିଆରେ କୃପା କରି ଭଲ କରିଦେବା ଭିଡିଓର ଦେଢ଼ ହଜାର ଶେୟାର ହେଲାଣି ।

କେବେ ସମୟ ପାଇଲେ ମନ୍ଦିର ଆଡେ ଆସେ । ଦେଖିବୁ ବଡ଼ କର୍ପୋରେଟ ସଂସ୍ଥା ଭଳି ମୋ ମନ୍ଦିରର ଆୟ ବ୍ୟୟର ପାଇ ପାଇର ହିସାବ ରଖିବାକୁ କେତେ ଲୋକ କାମ କରୁଛନ୍ତି । ଶହ ଶହ ବଥଧାରୀ ଭକ୍ତ ଅଧିଆ ପଡିଛନ୍ତି । ମନ୍ଦିରର ନିର୍ଦ୍ଧାରିତ ମାନସିକ ପାଉଣା ଦେଇ ବଥରେ ସିନ୍ଦୂର ଟିପା ମାରି ଯାଉଛନ୍ତି । ଥରେ ହିସାବ ବେଳେ ଜାଣିଲୁ ମନ୍ଦିରର ସିନ୍ଦୂର ଖର୍ଚ୍ଚ ଅହେତୁକ ଭାବେ ବଢିଯାଉଛି । ବୁଝିଲାବେଳକୁ, ଟିପରେ ସିନ୍ଦୂର ନେଇ କେବଳ ବଥ ଉପରେ ମାରିବାର ବିଧି ଥିଲାବେଳେ କିଛି ଲୋକ ବିକଳରେ ପୁଳାଏ ସିନ୍ଦୂର ନେଇ ବୋଳିହେଉଛନ୍ତି । ତା'ପରେ ଆମ ବିଶେଷଜ୍ଞମାନେ ଗୋଟେ ନୂଆ ଭିଡିଓ ମାର୍କେଟକୁ ଛାଡିଲେ । ଜଣେ ଲୋକ ଲୋଭରେ ପଡି ପୂରା ଶରୀରରେ ମା'ଙ୍କ ମନ୍ତୁରା ସିନ୍ଦୂର ବୋଳି ଦେଲା । ସକାଳୁ ଦେଖିଲା ବେଳକୁ ସେ ଲୋକର ଖାଲି ପିନ୍ଧା କପଡା ପଡିଛି ବଥ ସହ ପୂରା ଲୋକ ଉଭାନ । ଏବେ ଆମ ମନ୍ଦିରର ସିନ୍ଦୂର ବାବଦ ଖର୍ଚ୍ଚ କଣ୍ଟ୍ରୋଲ ଭିତରେ ଅଛି ।

ଡିମାଣ୍ଡ ଓ ସପ୍ଲାଇ ବିଷୟରେ ଅର୍ଥନୀତିରେ ପଢିଥିବୁ । ଗୋଟେ ହେଲା ବଜାରର ଆବଶ୍ୟକତା ଅନୁସାରେ ଜିନିଷ ତିଆରି ହୁଏ । ଆଉ ଆରଟି ତିଆରି ହୋଇଥିବା ଜିନିଷକୁ ବିକ୍ରି ପାଇଁ ବଜାର ସୃଷ୍ଟି କରାଯାଏ । ଆମେ ଦ୍ୱିତୀୟ ବିକଳ୍ପ ବାଛିଛୁ । ଯେଉଁ ଭକ୍ତଙ୍କୁ ଯେଉଁ ଠାକୁରଙ୍କ ଦର୍ଶନ ଦରକାର ସେ କେବଳ ସେହି ମନ୍ଦିରକୁ ହିଁ ଆସିବ । ଭାଗ୍ୟକୁ ସବୁ ପ୍ରକାର ବଥର ସମୂଳ ନିରାକରଣ ପାଇଁ ମା' ବଥଠାକୁରାଣୀଙ୍କ ଖ୍ୟାତି ଏବେ ମାର୍କେଟରେ ସର୍ବାଗ୍ରେ ଅଛି । ମା'ଙ୍କ କୃପାରୁ ବେପାର ଭଲ ଚାଲୁଛି ।

ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'ମୁଁ ପ୍ରତ୍ୟେକ ଯୁଗରେ ସନ୍ଥମାନଙ୍କୁ ରକ୍ଷା କରିବା ପାଇଁ, ପାପପୁଣ୍ୟ କାର୍ଯ୍ୟ କରୁଥିବା ଲୋକଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମକୁ ଦୃଢ଼ ଭାବରେ ପ୍ରତିଷ୍ଠା କରିବା ପାଇଁ ଆବିର୍ଭାବ ହୁଏ ।' ମୋତେ ଲାଗୁଛି ଦିନକୁ ଦିନ ସଂସାରରେ ବଥରୂପୀ ପାପ ବଢୁଥିବା ବେଳେ ପ୍ରଭୁ ବଥଠାକୁରାଣୀ ରୂପରେ ଆସି ବଥୁଆ ଲୋକଙ୍କୁ ବଥ ମୁକ୍ତ କରିବାକୁ ମୋତେ ମାଧ୍ୟମ କରିଛନ୍ତି ।


–ବନମାଳୀ ଭବନ, ଖାନ୍ନନଗର, କଟକ ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଓ.ଏସ୍.ଏ.
### ଆମେରିକାରେ ଓଡ଼ିଆ ସମାଜ

ଲେଖକ: ଗୌରୀଚରଣ ଦାସ ସଂକଳକ–ଚିନ୍ମୟୀ ଦାସ
ପ୍ରକାଶକ : ଅଦିତି, କଟକ ମୂଲ୍ୟ –୧୧୫୦ ଟଙ୍କା


'ଆମେରିକାରେ ଓଡ଼ିଆ ସମାଜ' ପୁସ୍ତକଟି ଚିନ୍ମୟୀ ଦାସଙ୍କ ଦ୍ୱାରା ସଂକଳିତ ଏକ ବିରଳ ଦସ୍ତାବିଜ । ଓଡିଶା ମାଟିରୁ ଆମେରିକା ଯାଇ ସେଠାରେ କାର୍ଯ୍ୟ କରୁଥିବା ଡକ୍ଟର ଗୌରୀ ଚରଣ ଦାସଙ୍କ ଓଡ଼ିଆ ଭାଷା ଓ ସଂସ୍କୃତି ପାଇଁ ତ୍ୟାଗ ଓ ସଂଘର୍ଷର କଥା ଉଲ୍ଲେଖ ଅଛି ଏହି ପୁସ୍ତକଟିରେ । ଏଥିରେ ଅଛି ବିଦେଶ ଭୂଇଁ ଆମେରିକାରେ ଏକ ଓଡ଼ିଆ ସମାଜ ପ୍ରତିଷ୍ଠାର ମର୍ମସ୍ପର୍ଶୀ କାହାଣୀ, ନିଜ ମାଟିର ମଣିଷମାନଙ୍କୁ ଏକତ୍ର କରିବା ଏକ ବିଶେଷ ଉପଲବ୍ଧି । ଶ୍ରୀ ଗୌରୀଚରଣ ଦାସ ଓ ସମଧର୍ମୀମାନଙ୍କର ଦଳଗତ ପ୍ରଚେଷ୍ଟା, କଠିନ ଅଧ୍ୟବସାୟ ଓ ସାଂଗଠନିକ ଦକ୍ଷତା ମାଧ୍ୟମରେ ଆମେରିକାରେ ଓଡିଆ ସମାଜ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ବହିଟି ଢେର ଶିକ୍ଷଣୀୟ । ଆମେରିକା ମାଟିରେ ନିଜ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକେଇ ଓଡ଼ିଆବାସୀଙ୍କୁ ଏକତ୍ରିତ କରିବା ପାଇଁ ସେ ବ୍ୟବହାର କରୁଥିବା ଟାଇପ ରାଇଟର ଠାରୁ ହାତଲେଖା ଚିଠି, ଓଡ଼ିଆ ପତ୍ରିକା ଓ ସମ୍ମେଳନ ପାଇଁ ପ୍ରାରମ୍ଭିକ ସ୍ତରରେ ନିରବଚ୍ଛିନ୍ନ ପ୍ରସ୍ତୁତିର ପ୍ରମାଣପତ୍ର ସହ ପତ୍ନୀ ହିସାବରେ ଓସା ଗଠନରେ ତାଙ୍କର ଅନୁଭୂତିକୁ ସୂଚେଇଛନ୍ତି ଚିନ୍ମୟୀ ଦାସ । ଏଥିରେ ଗୌରୀ ଚରଣଙ୍କ ସ୍ୱକୀୟ ଲେଖା ଅପେକ୍ଷା ଓଡ଼ିଆ ସମାଜ ଗଠନ ସହ ସଂଶ୍ଳିଷ୍ଟ ଚିଠି ତଥା ନଥିପତ୍ର, ଦଲିଲ ସଂଗୃହୀତ ହୋଇ ସ୍ଥାନିତ ହୋଇଛି । ଗୌରୀ ଚରଣଙ୍କ ଅବର୍ତ୍ତମାନରେ ଏହି ବିଶେଷ କାର୍ଯ୍ୟଟି ତାଙ୍କର ଧର୍ମପତ୍ନୀ ସମ୍ପାଦନ କରିଛନ୍ତି । ବହିଟିର ପ୍ରକାଶନରେ ବି ସମ୍ପାଦିକା ଚିନ୍ମୟୀ ଦାସଙ୍କ ବିଶେଷ ଭୂମିକା ରହିଛି । ଆଶା ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ।




### ଚିତ୍ରିତ ସମୟ

ଲେଖିକା: ସର୍ବାଣୀ ପଟ୍ଟନାୟକ, ପ୍ରକାଶକ – ଅଭିମାନ ପ୍ରକାଶନୀ, ଜମାରସୁଆଁ, ପୁରୀ ମୂଲ୍ୟ: ୨୨୦ଟଙ୍କା

ଶିଶୁ ଓ କିଶୋର ସାହିତ୍ୟ ଉପରେ ଇଂରାଜୀରେ ବହି ଲେଖିଥିବା ସର୍ବାଣୀ ପଟ୍ଟନାୟକଙ୍କ ପ୍ରଥମ ଗଳ୍ପ ସଂକଳନ 'ଚିତ୍ରିତ ସମୟ' ଇତ୍ୟବସରରେ ଅଭିମାନ ପ୍ରକାଶନୀ ଦ୍ୱାରା ଲୋକାର୍ପଣ ହୋଇ ପାଠକମାନଙ୍କ ଶ୍ରଦ୍ଧା ସାଉଁଟି ପାରିଛି । ସମୟ ସହିତ ବଦଳୁଥିବା ମଣିଷ, ସମ୍ପର୍କ, ସମାଜ, ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ତାଙ୍କର ଏହି ପ୍ରଥମ ଓଡ଼ିଆ ଗଳ୍ପ ସଂକଳନର ପରିପାଟି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି । ମାନବିକତା, ଛୁଟି, ଦେବୀପଣ , ମୁକ୍ତବିହଙ୍ଗ, କ୍ୟାଲେଣ୍ଡର, ଅସ୍ତିତ୍ୱ , ମନ ଗହୀରର ଦୁଇଟି ସ୍କେଚ୍, ସିଏ ମନେ ପଡେ ତିନୋଟି ସ୍କେଚ, ଏଇ ସହର, ମହକ, ଭାଷାର ସକାଳ, ଦୁର୍ଘଟଣା, ଅଭିମାନ ଆଦି ଗଳ୍ପ ମାଧ୍ୟମରେ ସମାଜ ଉଦେଶ୍ୟରେ ଭିନ୍ନ ଭିନ୍ନ ବାର୍ତ୍ତା ରଖିଛନ୍ତି ଗାଳ୍ପିକା । ବର୍ଣ୍ଣନାରେ ସ୍ପଷ୍ଟ ଏବଂ ସରଳ । ସର୍ବାଣୀଙ୍କ ଏହି ପ୍ରଥମ ଓଡ଼ିଆ ଗଳ୍ପ ସଙ୍କଳନରେ ସ୍ଥାନିତ ୨୭ଟି ଗଳ୍ପ ଆବେଗରେ ଛଳଛଳ ଓ ଗଭୀର ମନସ୍ତତ୍ତ୍ୱକୁ ନେଇ ଗତିଶୀଳ ।



# ୩୨ ନୁହେଁ ୪୨ ଦାନ୍ତ

ସାଧାରଣ ମଣିଷ ପାଟିରେ ୩୨ଟି ଦାନ୍ତ ଥାଏ, କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତିଙ୍କ ପାଟିରେ ସାଧାରଣ ଅପେକ୍ଷା ୧୦ଟି ଅଧିକ ଅର୍ଥାତ୍ ମୋଟ ୪୨ଟି ଦାନ୍ତ ଅଛି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ମାଲେସିଆର ୩୩ ବର୍ଷୀୟ ପ୍ରତାପ ମୁନିୟାଣ୍ଡି। ତାଙ୍କର ଏତେ ସଂଖ୍ୟକ ଦାନ୍ତକୁ ଚିକିତ୍ସକମାନେ ଗଣି ଗଣି ଥକି ଯାଆନ୍ତି। ସେଇଥିପାଇଁ ତ ଗିନିଜ ୱାର୍ଲ୍ଡ ରେକର୍ଡସରେ ସେ 'ସର୍ବାଧିକ ଦାନ୍ତ' ଥିବା ପୁରୁଷର ମାନ୍ୟତା ପାଇଛନ୍ତି। ସେଲାଙ୍ଗୋରର କ୍ଲାଙ୍ଗ ସହରରେ ପ୍ରତାପ ରୁହନ୍ତି ଏବଂ ସେ ତୈଳ ଓ ଗ୍ୟାସ ଶିଳ୍ପରେ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ସେ ଗୋଟିଏ ସନ୍ତାନର ପିତା ଅଟନ୍ତି।
କିଛି ବର୍ଷ ପୂର୍ବେ ସେ ଅନୁଭବ କଲେ ଯେ, ତାଙ୍କର ଦାନ୍ତ ସାଧାରଣ ଅପେକ୍ଷା ଅଧିକ ଅଛି। ପ୍ରଥମେ ସେ ଏଥିପ୍ରତି ସେତେଟା ଧ୍ୟାନ ଦେଇ ନ ଥିଲେ, କିନ୍ତୁ ୨୦୨୩ ମସିହାର ପ୍ରାରମ୍ଭରେ ଯେତେବେଳେ ସେ ଦାନ୍ତ ଗଣିଲେ ସେ ଜାଣିବାକୁ ପାଇଲେ ତାଙ୍କର ୪୨ଟି ଦାନ୍ତ ଅଛି। ଦୁଇଜଣ ଭିନ୍ନ ଭିନ୍ନ ଦନ୍ତ ଚିକିତ୍ସକ ତାଙ୍କର ଯାଞ୍ଚ କରି ନିଶ୍ଚିତ କଲେ ଯେ ୪୨ଟି ଦାନ୍ତ ମାଢ଼ିରୁ ବାହାରକୁ ବାହାରିଛି ଏବଂ ୨ଟି ଦାନ୍ତ ଭିତରେ ଲୁଚି ରହିଛି। ଅଧିକାଂଶ ଅତିରିକ୍ତ ଦାନ୍ତ ସିଧା ଭାବେ ଉଠିଛି।



ସେଥିପାଇଁ ତାଙ୍କୁ କୌଣସି ଯନ୍ତ୍ରଣା ହେଉନାହିଁ। ଏହି ଅବସ୍ଥାକୁ ଚିକିତ୍ସା ବିଜ୍ଞାନ ଭାଷାରେ 'ହାଇପରଡଣ୍ଟିଆ' କିମ୍ବା 'ପଲିଡଣ୍ଟିଆ' କୁହାଯାଏ, ଯେଉଁଥିରେ ସାଧାରଣ ସଂଖ୍ୟାଠାରୁ ଅଧିକ ଦାନ୍ତ ଗଜୁରିଥାଏ। ବିଶ୍ୱ ଜନସଂଖ୍ୟାର ପ୍ରାୟ ୩.୮% ଲୋକଙ୍କ ପାଟିରେ ଗୋଟିଏ କିମ୍ବା ଦୁଇଟି ଅଧିକ ଦାନ୍ତ ଥାଏ, କିନ୍ତୁ ୧୦ଟି ଅଧିକ ଦାନ୍ତ ରହିବା ଅତ୍ୟନ୍ତ ବିରଳ। ହାଇପରଡଣ୍ଟିଆ ସାଧାରଣତଃ ପିଲାଦିନେ ଦେଖାଯାଏ, କିନ୍ତୁ ପ୍ରତାପଙ୍କ କ୍ଷେତ୍ରରେ ଯୁବାବସ୍ଥାରେ ମଧ୍ୟ ଦାନ୍ତ ଗଜୁରିଥିଲା। ଏହି ରେକର୍ଡ ମିଳିବା ପରେ ତାଙ୍କର ହସ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ପ୍ରତାପ କୁହନ୍ତି,ଏତେ ଦାନ୍ତକୁ ସଫା ରଖିବା ଲାଗି ଦିନକୁ ଦୁଇଥର ବ୍ରଶ କରେ। ହେଲେ ଏଥିପାଇଁ କେବେ କିଛି ଅସୁବିଧା ହୁଏ ନାହିଁ। ଖାଲି ଯାହା ଅଧିକ ଦାନ୍ତ ଯୋଗୁ ପାଟି ବେଶି ଭର୍ତ୍ତି ଥିବା ଭଳି ଲାଗେ।

ବ୍ୟାକ୍ ପେଜ୍



# ବେଙ୍ଗଡିଆଁ ପ୍ରତିଯୋଗିତା

କାଲାଭେରାସ କାଉଣ୍ଟି ଜମ୍ପିଂ ଫ୍ରଗ ଜୁବୁଲି ହେଉଛି କାଲିଫର୍ନିଆର ଏକ ପ୍ରସିଦ୍ଧ ବାର୍ଷିକ ଉତ୍ସବ, ଯାହା ମାର୍କ ଟ୍ୱେନଙ୍କ ଏକ କ୍ଷୁଦ୍ର ଗଳ୍ପ ଦ୍ୱାରା ଅନୁପ୍ରାଣିତ। ଏହି ଆୟୋଜନରେ ଦେଖିବାକୁ ମିଳେ ବୁଲ୍‌ଫ୍ରଗ୍‌ମାନଙ୍କର ବିଚକ୍ଷଣ ଶାରୀରିକ ଓ ଡେଇଁବାର ଦକ୍ଷତା ଏବଂ ତା'ସହ ସେମାନଙ୍କୁ ଡେଇଁବା ଲାଗି ଉତ୍ସାହିତ କରିବା ନିମନ୍ତେ ବ୍ୟକ୍ତିମାନେ ଆପଣାଉଥିବା ଅଭିନବ କୌଶଳର ମଜାଦାର ଦୃଶ୍ୟ। ସ୍ମିଥସୋନିଆନର ଏକ ପ୍ରବନ୍ଧ ଅନୁଯାୟୀ, ଏହି ଆୟୋଜନଟି ମାର୍କ ଟ୍ୱେନଙ୍କ ୧୮୬୫ ମସିହାର କ୍ଷୁଦ୍ର ଗଳ୍ପ 'ଦ ସେଲିବ୍ରେଟେଡ ଜମ୍ପିଂ ଫ୍ରଗ୍ ଅଫ୍ କାଲାଭେରାସ୍ କାଉଣ୍ଟି' ଉପରେ ଆଧାରିତ। ଉକ୍ତ ପ୍ରତିଯୋଗିତାରେ ବେଙ୍ଗମାନଙ୍କୁ ଏକ ନିଶ୍ଚିତ ଦୂରତା ପର୍ଯ୍ୟନ୍ତ ଡେଇଁବାକୁ ପଡ଼ିଥାଏ। ୩ଟି ଡିଆଁରେ ପ୍ରାୟ ୨୦-୨୧ ଫୁଟ ପର୍ଯ୍ୟନ୍ତ ଡେଇଁବାକୁ ହୁଏ। ସ୍ମିଥସୋନିଆନ ରିପୋର୍ଟ ଅନୁଯାୟୀ, ବେଙ୍ଗମାନେ ଗୋଟିଏ ଡିଆଁରେ ପ୍ରାୟ ୭ ଫୁଟ ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରନ୍ତି। ଯାହାକି ଖୁବ୍ ଆଶ୍ଚର୍ଯ୍ୟଜନକ। ୧୯୮୬ ମସିହାରେ ଏହି ପ୍ରତିଯୋଗିତାରେ ୨୧ ଫୁଟରୁ ଅଧିକ ଡେଇଁ ଏକ ବେଙ୍ଗ ରେକର୍ଡ ସୃଷ୍ଟି କରିଥିଲା, ଯାହା ଆଜି ପର୍ଯ୍ୟନ୍ତ ବଜାୟ ରହିଛି। ପ୍ରତିଯୋଗିତାରେ ବେଙ୍ଗମାନଙ୍କୁ ଅଧିକରୁ ଅଧିକ ଦୂରତା ଡେଇଁବାକୁ ପ୍ରୋତ୍ସାହିତ କରିବା ଲାଗି ବେଙ୍ଗର ମାଲିକ କିଛି ଶବ୍ଦ କରିବା ସହ ଫୁଙ୍କିଆଆନ୍ତି। ଏହି ଦୃଶ୍ୟ ବେଶ୍ ମଜାଦାର ଲାଗେ।





# ଅଜବ ସାଇକେଲ



ସାଇକେଲ କଥା ଉଠିଲେ ଆପଣ ହୁଏତ ଭାବୁଥିବେ ଯେ ଚକ ସମ୍ପୂର୍ଣ୍ଣ ଗୋଲ ହେବା ଅପରିହାର୍ଯ୍ୟ, କିନ୍ତୁ ଜଣେ ବିଚକ୍ଷଣ ବୁଦ୍ଧିସମ୍ପନ୍ନ ଯନ୍ତ୍ରୀଙ୍କ ସାମ୍ପ୍ରତିକ ଉଦ୍ଭାବନ ପ୍ରମାଣ କରିଛି ଯେ ଗୋଟିଏ ପୂରା ଚକ ବଦଳରେ ଦୁଇଟି ଅଧା ଚକ ମଧ୍ୟ ସମାନ ଭାବରେ କାମ କରିପାରେ। ଏହି ଅଜବ ସାଇକେଲକୁ ନିର୍ମାଣ କରିଥିବା ଏହି ଯନ୍ତ୍ରୀ ଜଣକ ହେଉଛନ୍ତି ସର୍ଜି ଗୋର୍ଡିଏଭ। ସର୍ଜି ଜଣେ ଦକ୍ଷ ଯନ୍ତ୍ରୀ ଏବଂ ଜଣାଶୁଣା ୟୁଟ୍ୟୁବର୍। ପୂର୍ବରୁ ସେ ଚେନ-ବିହୀନ ସାଇକେଲ ଏବଂ ଡ୍ରିଲ ମେଶିନ ଚାଳିତ ବରଫ ସାଇକେଲ ତିଆରି କରି ଚର୍ଚ୍ଚାରେ ଥିଲେ, କିନ୍ତୁ ତାଙ୍କର ଏହି ନୂତନ ଉଦ୍ଭାବନ ସବୁଠାରୁ ଅଜବ। ଏହି ବିଚିତ୍ର ସାଇକେଲର ପଛ ଭାଗରେ ଗୋଟିଏ ପୂରା ଚକ ବଦଳରେ ଦୁଇଟି ଅଧା ଚକ ଲାଗିଛି, ଯାହା ପରସ୍ପର ସହ ସମନ୍ୱୟ ରକ୍ଷା କରି ଏକ ସାଧାରଣ ଚକ ଭଳି କାମ କରେ। ଶୁଣିବାକୁ ଓ ଦେଖିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହି ଅଦ୍ଭୁତ ସାଇକେଲ ଦର୍ଶାଉଛି ଯେ, ଯଦି ଠିକ୍ ସମନ୍ୱୟ ରଖି ଦୁଇଟି ଅଧା ଚକ ବ୍ୟବହାର କରାଯାଏ, ତେବେ ତାହା ଗୋଟିଏ ପୂରା ଚକ ସହ ସମାନ। ହେଲେ ଏହାକୁ ତିଆରି କରିବା ଥିଲା ଖୁବ୍ କଷ୍ଟକର। ସାଇକେଲର ପଛ ଫ୍ରେମକୁ ବଢ଼ାଇବାଠାରୁ ଆରମ୍ଭ କରି ଗୋଟିଏ ଅଧା ଚକ ପାଇଁ ଡିସ୍କ ବ୍ରେକରେ ଚେନରିଙ୍ଗ ଲଗାଇବା ଏବଂ ଏକ ଚକକୁ ଦୁଇ ଭାଗରେ କାଟି ତାକୁ ଏଭଳିଭାବେ ସମ୍ବନ୍ୱୟ ରକ୍ଷା କରି ଲଗାଇଛନ୍ତି ଯେମିତିକି ତାହା ଏକ ସମ୍ପୂର୍ଣ୍ଣ ଚକର କାମ କରିବ। ସୂକ୍ଷ୍ମାତି ସୂକ୍ଷ୍ମ ବିଷୟ ପ୍ରତି ସେ ଧ୍ୟାନ ଦେଇଛନ୍ତି। ଏହି ଅଧା-ଚକିଆ ସାଇକେଲଟି ସମ୍ପୂର୍ଣ୍ଣ ନିଖୁଣ ନୁହେଁ ସତ। ହେଲେ ସର୍ଜି ଗୋର୍ଡିଏଭଙ୍କ ଅନୁଯାୟୀ, ଏହା ସ୍ୱପ୍ନ ଭଳି ଚମତ୍କାର ଭାବେ କାମ କରେ। ସେ ଅପ୍‌ଲୋଡ କରିଥିବା ଭିଡିଓ ହେଉଛି ଏହାର ପ୍ରମାଣ। ଆଉ ଏକ ବଡ଼ କଥା ହେଉଛି ସାଇକେଲଟି କେବଳ ଯେ ସମତଳ ରାସ୍ତାରେ ଭଲ ଚାଲେ ତାହା ନୁହେଁ, ବରଂ ରାସ୍ତା କଡ଼ର ଉଚ୍ଚା ନିଚା ସ୍ଥାନକୁ ମଧ୍ୟ ବିନା କୌଣସି ଅସୁବିଧାରେ ଅତିକ୍ରମ କରିପାରେ, ଯାହାକି ବେଶ୍ ଆଶ୍ଚର୍ଯ୍ୟକର।